# ଆଉଟସୋର୍ସିଂ ଉଚ୍ଛେଦ, ସ୍ଥାୟୀ ନିଯୁକ୍ତି ନ ହେଲେ ଆନ୍ଦୋଳନ ଚେତାବନୀ

ରାୟଗଡ଼ା,୨୦।୧୦
(ଆଶିଷ ରଞ୍ଜନ ପଣ୍ଡା)

ଆଉଟସୋର୍ସିଂ ଉଚ୍ଛେଦ ପୂର୍ବକ ସରକାରୀ ମାନ୍ୟତା ଦେବା ସହିତ ସ୍ଥାୟୀ ନିଯୁକ୍ତି ଆମର ଦାବି ବୋଲି ଆଉଟସୋର୍ସିଂ କର୍ମଚାରୀ ସଂଘ ପକ୍ଷରୁ କୁହାଯାଇଛି। ରବିବାର ସ୍ଥାନୀୟ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆଉଟସୋର୍ସିଂ କର୍ମଚାରୀ ସଂଘ ଜିଲା ସମ୍ପାଦିକା ଉମା ପାଣିଗ୍ରାହୀ ଏ ନେଇ ସୂଚନା ଦେଇଛନ୍ତି। ପୂର୍ବ ସରକାର ସମୟରେ ଆଉଟସୋର୍ସିଂ ଉଚ୍ଛେଦ ନେଇ କେବଳ ପ୍ରତିଶ୍ରୁତି ମିଳିଥିଲା । ହେଲେ କାର୍ଯ୍ୟକାରୀ ହୋଇପାରିଲା ନାହିଁ। ତେବେ ବର୍ତ୍ତମାନ


ଖବରଦାତା ସମ୍ମିଳନୀରେ ଆଉଟସୋର୍ସିଂ କର୍ମଚାରୀ ସଂଘ ସଦସ୍ୟ।

ନୂତନ ସରକାର ଗଠନ ହୋଇସାରିଛି । ଆଉଟସୋର୍ସିଂରେ ରାଜ୍ୟର ବିଭିନ୍ନ ବିଭାଗରେ ୬ରୁ ୧୬ ବର୍ଷ ଧରି କାର୍ଯ୍ୟରତ କର୍ମଚାରୀମାନେ ସେମାନଙ୍କୁ ସରକାରୀ ମାନ୍ୟତା ଦେବା ସହିତ ଆଉଟସୋର୍ସିଂ ପନ୍ଥାକୁ ଉଚ୍ଛେଦ କରି ସ୍ଥାୟୀ ଚାକିରି ଓ ଅନ୍ୟାନ୍ୟ ସୁବିଧା ଯୋଗାଇଦେବା ପାଇଁ ବର୍ତ୍ତମାନ ନୂତନ ସରକାରଙ୍କୁ ନିବେଦନ କରିଛନ୍ତି । ଯଦି ନୂଆ ସରକାର

## ଜିଲା ମହାସଂଘର ଖବରଦାତା ସମ୍ମିଳନୀ

ଏହି ଦାବି ପୂରଣ ନ କରନ୍ତି ତେବେ ଆଗାମୀ ଦିନରେ ଓଡ଼ିଶା ସରକାରୀ ଆଉଟସୋର୍ସିଂ କର୍ମଚାରୀ ମହାସଂଘ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବ ବୋଲି ରାଜ୍ୟ ଉପସଭାପତି ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ ଓ ଜିଲା ସଭାପତି ସୁଶାନ୍ତ କୁମାର ପଟ୍ଟନାୟକ କହିଛନ୍ତି । ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ନେତୃମଣ୍ଡଳୀର ସରୋଜ କୁମାର ନାୟକ, ଲୋକନାଥ ମିଶ୍ର ଓ ଜିଲାର ସମସ୍ତ ଆଉଟସୋର୍ସିଂ କର୍ମଚାରୀ ଉପସ୍ଥିତ ଥିଲେ ।

# ବିଦାୟ ନେଲେ ମା' ଦଶଭୁଜା


ଜେକେପୁରରେ ମା' ଦୁର୍ଗାଙ୍କ ଭସାଣି ଉତ୍ସବ।

ଜେକେପୁର, ୨୦।୧୦
(ରାଜେଶ ବିଶ୍ୱାଳ)

ଜେକେପୁର କାଗଜ କଳ ତରଫରୁ ଆୟୋଜିତ ଦୁର୍ଗା ମେଢ଼ଙ୍କ ଭସାଣୀ ଉତ୍ସବ ରବିବାର ବିରାଟ ପଟୁଆରରେ ସମାପନ ହୋଇଛି। ୭ ଦିନ ଧରି ମହା ଅଡମ୍ବର ସହକାରେ ପୂଜା ଚାଲିଥିବାବେଳେ ରବିବାର ଜେକେପୁରବାସୀ ଏବଂ କାଗଜ କଳ କର୍ମଚାରୀ ମା'ଙ୍କୁ ବିଦାୟ ଦେଇଛନ୍ତି।

ଜେକେପୁର ଦୁର୍ଗାପୂଜାରେ ପ୍ରମୁଖ ଆକର୍ଷଣ ସାଜିଥିଲା ଦାଣ୍ଡିଆ ନୃତ୍ୟ। ଏଥିରେ ଜେକେପୁର ତଥା ଆଖପାଖ ଅଞ୍ଚଳରୁ ବହୁ ଲୋକ ଅଂଶ ଗ୍ରହଣ କରିଥିଲେ। ସେହିପରି ସାଂସ୍କୃତିକ କାର୍ଯ୍ୟକ୍ରମରେ ନାମୀଦାମୀ ଅନେକ କଳାକାରଙ୍କ କାର୍ଯ୍ୟକ୍ରମ ଲୋକଙ୍କ ମନ କିଣି ଥିଲା। ବଲିଉଡ ଗାୟକ ବିନୋଦ ରାଠୋର, ଚାନ୍ଦିନୀ ମୁଖାର୍ଜୀ, ପ୍ରିୟା ଦାସ, ସୁସ୍ମିତା ଦାସ , ଇଣ୍ଡିଆନ ଆଇଡଲର ପ୍ରମୁଖ କଳାକାରଙ୍କ ଭଳି ବହୁ ମାନ୍ୟଗଣ୍ୟ ପ୍ରତିଭା ପାର୍ବଣର ଖୁସିକୁ ବହୁଗୁଣିତ କରିଥିଲେ। ପାର୍ବଣର ପରିଚାଳନାରେ କାଗଜ କଳର କାର୍ଯ୍ୟ ନିର୍ବାହୀ ଉପସଭାପତି ବିନୟ ଦ୍ୱିବେଦୀ, ଉପସଭାପତି ବାଣିଜ୍ୟ ବିଶ୍ୱଜିତ୍ ଦ୍ୱିବେଦୀ, ମହାପ୍ରବନ୍ଧକ ମାନବ ସମ୍ବଳ ସନ୍ଦୀପ ପାଣ୍ଡେ କାର୍ଯକ୍ରମକୁ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ କରିଥିଲେ । ପୂଜାରେ ବିଭିନ୍ନ ଦୋଳି, ମୀନା ବଜାର ପୂଜାର ଆକର୍ଷଣ ଥିଲା ବେଳେ ପ୍ରଥମ କିଛିଦିନ ରାମଦୋଳି ସୁରକ୍ଷା ଦୃଷ୍ଟିରୁ ବନ୍ଦ ରହିଥିଲା। କାଗଜ କଳ ଜନ ସମ୍ପର୍କ ଅଧିକାରୀ ମିଲନ ଲେଙ୍କା କାର୍ଯ୍ୟକ୍ରମର ସବିଶେଷ ବିବରଣୀ ପ୍ରଦାନ କରିଛନ୍ତି।

# ଜିଲା କୃଷି ଅଧିକାରୀଙ୍କ ଚନ୍ଦ୍ରପୁର ଗସ୍ତ


ଜିଲା କୃଷି ଅଧିକାରୀ ଓ ଅନ୍ୟମାନେ ମକା କ୍ଷେତ ପରିଦର୍ଶନ କରୁଛନ୍ତି।

ଚନ୍ଦ୍ରପୁର,୨୦।୧୦ (ବିଜୟ ପ୍ରସାଦ ଉଲାକା)

ରାୟଗଡା ଜିଲା କୃଷି ଅଧିକାରୀ ବିଷ୍ଣୁ ପ୍ରସାଦ କର ରବିବାର ଚନ୍ଦ୍ରପୁର ବ୍ଲକ୍ ଗସ୍ତ କରି ବିଭିନ୍ନ କ୍ଷେତ୍ର ପରିଦର୍ଶନ କରିଛନ୍ତି। ଚନ୍ଦ୍ରପୁର ବ୍ଲକର ପ୍ରଭାତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ତରଫରୁ ଖୋଲିଥିବା ଖୁଦ୍ର ଦାନା ଶସ୍ୟ, ଯଥା ମାଣ୍ଡିଆ, କୋସଲା କ୍ଷେତ୍ର ପ୍ରକଳ୍ପ ପରିଦର୍ଶନ କରିଥିଲେ। ଏଥିସହ ସମନ୍ୱିତ ଚାଷ ତରଫରୁ ରାଶି ବିହନ ଉତ୍ପାଦନ କ୍ଷେତ୍ର, ଦେଶୀ କୁକୁଡ଼ା ଉତ୍ପାଦନ କେନ୍ଦ୍ର, ଛେଳି ଗୁହାଳ, ଓ ମୁଖ୍ୟମନ୍ତ୍ରୀ ମକା ମିଶନ ତରଫରୁ ପିସକାପାଙ୍ଗ ପଞ୍ଚାୟତରେ ଥିବା ମକା ଉତ୍ପାଦନ କ୍ଷେତ୍ର ପରିଦର୍ଶନ କରିଥିଲେ। ତାଙ୍କ ସହ ବ୍ଲକ କୃଷି ଅଧିକାରୀ ଅର୍ପିତା ମାଝୀ ବେହେରା, ପ୍ରକଳ୍ପ ସଂଯୋଜକ ଏବଂ ପ୍ରଭାତ ଅନୁଷ୍ଠାନର ସମସ୍ତ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ। ଏଥିସହ ଅଞ୍ଚଳର ଅଧିକାଂଶ ଚାଷୀଙ୍କଠାରୁ ଚାଷ ସମ୍ପର୍କରେ ପଚାରି ବୁଝିଥିଲେ।

# ଓଏଏସ୍ ପରୀକ୍ଷାରେ ପ୍ରାଚୀପ୍ରିୟା, ସୁନୀଲ, ପିଲହୋଲିକାଙ୍କ ସଫଳତା

ରାୟଗଡା/ବିଷମକଟକ/ ଗୁଡାରି,୨୦।୧୦
(ଆଶିଷ ରଞ୍ଜନ ପଣ୍ଡା/ପ୍ରସନ୍ନ କୁମାର ପଣ୍ଡା /ପ୍ରମୋଦ କୁମାର ପତି)


ପ୍ରାଚୀପ୍ରିୟା ଦଳାଇ


ସୁନୀଲ କିଲାକା


ପିଲହୋଲିକା ପ୍ରିୟଦର୍ଶିନୀ।

ଓ ଓଏଏସ୍ ପରୀକ୍ଷାରେ ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ୍‌ର ପ୍ରାଚୀପ୍ରିୟା ଦଳାଇ, ବିଷମକଟକ ବ୍ଲକର ସୁନୀଲ କିଲାକା ଏବଂ ଗୁଡାରି ବ୍ଲକର ପିଲହୋଲିକା ପ୍ରିୟଦର୍ଶିନୀ କୃତକାର୍ଯ୍ୟ ହାସଲ କରିଛନ୍ତି। ଚନ୍ଦ୍ରପୁର ବ୍ଲକ ଅନ୍ତର୍ଗତ ଗୁଣ୍ଡୁରୀଗୁଡା ଗ୍ରାମର ପ୍ରାଚୀପ୍ରିୟା ୩୫୯ ର୍ୟାଙ୍କ୍ ରଖି କୃତକାର୍ଯ୍ୟ ହୋଇଛନ୍ତି। ଚନ୍ଦ୍ରପୁର ଭଳି ଉପାନ୍ତ ଅଞ୍ଚଳରୁ ପ୍ରାଚୀପ୍ରିୟା ସଫଳତା ପାଇ ଉଦାହରଣ ପାଲଟିଛନ୍ତି। ଖବର ପ୍ରକାଶିତ ପରେ ପ୍ରାଚୀଙ୍କ ନିକଟକୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି।

ସେହିପରି ବିଷମକଟକ ବ୍ଲକ ଅନ୍ତର୍ଗତ କୁଟ୍ରାଗଡ ପଞ୍ଚାୟତର କୁସୁମଗୁଡ଼ି ଗ୍ରାମର ସୁନୀଲ କିଲାକା ଓଏଏସ୍ ପରୀକ୍ଷାରେ ୧୦ମ ସ୍ଥାନରେ ରହି ସଫଳ ଅର୍ଜନ କରିଛନ୍ତି। ତାଙ୍କ ପିତା ମାଧବ ଚନ୍ଦ୍ର ଜଣେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଏବଂ ମା' ବାସନ୍ତୀ ଗୃହିଣୀ। ସୁନୀଲ ସାଧାରଣ ମେରିଟ ଲିଷ୍ଟ ୪୮୧ରେ ରହିଥିବା ବେଳେ ଆଦିବାସୀ କୋଟାରେ ଦଶମ ସ୍ଥାନରେ ରହିଛନ୍ତି। ସେ ବର୍ତ୍ତମାନ ଖଡ଼ଗପୁର ରେଳ ବିଭାଗର ଇଞ୍ଜିନିୟର ଅଛନ୍ତି। ବିଷମକଟକ ବ୍ଲକ ଦୁର୍ଗମ ଅଞ୍ଚଳର ଆଦିବାସୀ ଇଲାକାର ସୁନୀଲ ଏହି ସଫଳତା ପାଇବା ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

ସେହିପରି ଗୁଡାରି ବ୍ଲକ ଅନ୍ତର୍ଗତ ଅସଡା ଗ୍ରାମର ପିଲହୋଲିକା ପ୍ରିୟଦର୍ଶିନୀ ଓଏଏସ୍ ପରୀକ୍ଷାରେ ସଫଳତା ହାସଲ କରିଛନ୍ତି। ସେ ୪୮୪ ର୍ୟାଙ୍କରେ ରହି କୃତକାର୍ଯ୍ୟ ହୋଇଛନ୍ତି। ଅସଡା ଗ୍ରାମର ମାଧବ ମହାନନ୍ଦିଆଙ୍କ ଝିଅ ପିଲହୋଲିକା ବର୍ତ୍ତମାନ ମାଲକାନଗିରିରେ ରହୁଛନ୍ତି। ମାଲକାନଗିରି ଜବାହର ନବୋଦୟ ବିଦ୍ୟାଳୟରେ ଷଷ୍ଠରୁ ଯୁକ୍ତ ୨ ପର୍ଯ୍ୟନ୍ତ ଅଧ୍ୟୟନ କରିଥିଲେ। ପରେ ଭୁବନେଶ୍ୱରସ୍ଥିତ ରମାଦେବୀ କଲେଜରେ ରାସାୟନ ବିଜ୍ଞାନ ଅନର୍ସ ରଖି ୨୦୧୯ ମସିହାରେ ପାସ୍ କରିଥିଲେ। ପିଲହୋଲିକା ବିଇଡି ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ ମଧ୍ୟ ସେ ଅଧାରୁ ଛାଡି ଭୁବନେଶ୍ୱରରେ ଓଏସ ପାଇଁ କୋଚିଂ ନେଇଥିଲେ। ଗୁଡାରି ବ୍ଲକ୍‌ରୁ ପ୍ରଥମ ମହିଳା ଭାବେ ଓଏସ୍ ପାଇ ସେ ଏହି ଗୌରବ ଅର୍ଜନ କରିଛନ୍ତି। ଗୁଣୁପୁର ବିଧାୟକ ସତ୍ୟଜିତ ଗମାଙ୍ଗ ମଧ୍ୟ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# 'ନବ ଭାରତ ସାକ୍ଷରତା' ପରୀକ୍ଷା


ନବ ଭାରତ ସାକ୍ଷରତା ପରୀକ୍ଷା ଦେଉଥିବା ପରୀକ୍ଷାର୍ଥୀ।

ପଦ୍ମପୁର,୨୦।୧୦ (ପ୍ରଶାନ୍ତ କୁମାର କର)

ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ୍ ଅଧିନସ୍ଥ ଉପର ଜ୍ଝୁମୁରୁଗୁଡ଼ାସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ରବିବାର 'ନବ ଭାରତ ସାକ୍ଷରତା ଯୋଜନା' ପରୀକ୍ଷା ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦିଲୀପ କୁମାର କର ଓ ପଦ୍ମପୁର କ୍ଲଷ୍ଟର ସଂଯୋଜକ ଅଜିତ ଚୌଧୁରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରୀକ୍ଷା ଅନୁଷ୍ଠିତ ହୋଇଛି । ଗଣଶିକ୍ଷା ବିଭାଗ ତରଫରୁ ରାୟଗଡ଼ ଜିଲା ଶିକ୍ଷାଧିକାରୀ ଓ ପଦ୍ମପୁର ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ନିର୍ଦ୍ଦେଶକ୍ରମେ ୧୫ ରୁ ୩୫ ବର୍ଷ ବୟସ ମଧ୍ୟରେ ଅଧାରୁ ପାଠ ପଢ଼ି ଛାଡ଼ିଥିବା କିମ୍ବା ଆଦୌ ପାଠ ପଢ଼ି ନ ଥିବା ବ୍ୟକ୍ତି ବିଶେଷଙ୍କୁ 'ଉଲ୍ଲାସ' ପୁସ୍ତକ ମାଧ୍ୟମରେ ଶିକ୍ଷାଦାନ କରାଯାଇଥିଲା। ରବିବାର ପଦ୍ମପୁର ବ୍ଲକ୍‌ର ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଚନ୍ଦ୍ରସେନ ଲିମା ଉପସ୍ଥିତ ରହି ପ୍ରଥମେ ଉପସ୍ଥିତ ପରୀକ୍ଷାର୍ଥୀଙ୍କୁ ନବ ଭାରତ ସାକ୍ଷରତା ଯୋଜନାର ଉଦ୍ଦେଶ୍ୟ ବିଷୟରେ ଅବଗତ କରାଇଥିଲେ । ପରେ ଉପସ୍ଥିତ ୧୯ ଜଣ ପରୀକ୍ଷାର୍ଥିଙ୍କୁ ନେଇ ପରୀକ୍ଷା କରାଯାଇଥିଲା । ଉକ୍ତ ମୂଲ୍ୟାୟନ ଆକଳନ ପରୀକ୍ଷାରେ ଅନ୍ୟମାନଙ୍କ ମଧ୍ୟରେ କମିଟି ସଦସ୍ୟ ଜ୍ଜୁର ସାହୁ , ପ୍ରଶାନ୍ତ ସାହୁ, ସୁଜାତା ସାହୁଙ୍କ ସହ କାହ୍ନୁ ମହାପାତ୍ର, ଅନୀତା ସାହୁ ପ୍ରମୁଖ ଅଭିଭାବକ ସହଯୋଗ କରିଥିଲେ ।

# ମୋବାଇଲ ଛଡ଼ାଇ ଆକାଉଣ୍ଟରୁ ୫୦ ହଜାର ନେଇଗଲେ

ବ୍ରହ୍ମପୁର,୨୦।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ଜଣେ ଯୁବକଙ୍କ ମୋବାଇଲ ଫୋନ୍ ଛଡ଼ାଇ ନେଇ ୨ ଦୁର୍ବୃତ୍ତ ଫୋନ ପେ'ଦ୍ୱାରା ଆକାଉଣ୍ଟରୁ ୫୦ ହଜାର ଟଙ୍କା ନେଇଯାଇଛନ୍ତି। ଲୁଟର ଶିକାର ହୋଇଥିବା ସୂର୍ଯ୍ୟଦେବ କିରଣଦାନ ପାଢ଼ୀ ଏ ନେଇ ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଲୁଟ ମୋବାଇଲ ଫୋନ୍ ନଂ. ଟ୍ରାକ୍ କରି ଲୁଟେରାଙ୍କୁ କାବୁ କରିବାକୁ ଉଦ୍ୟମ କରୁଛି। ପ୍ରକାଶ ଯେ, ଗୋସାଇଁନୂଆଗାଁ ଥାନା ଅନ୍ତର୍ଗତ ଚାଞ୍ଚଡାପଡିଆ ବିଶ୍ୱନାଥନଗରରେ ରହୁଥିବା ସୂର୍ଯ୍ୟଦେବ ଗତ ୩ ତାରିଖରେ ଗେଟବଜାରସ୍ଥିତ କୁଠାରୀ ମନ୍ଦିର ନିକଟକୁ ଯାଇଥିବା ବେଳେ ୨ ଦୁର୍ବୃତ୍ତ ପଛପଟୁ ଆସି ତାଙ୍କ ସାର୍ଟ ପକେଟରୁ ମୋବାଇଲ ଫୋନ୍ ଛଡାଇ ନେଇ ଚମ୍ପଟ ମାରିଥିଲେ। ଫୋନ୍ ଲୁଟ ହେବାର କିଛି ଦିନ ପରେ ଦୁର୍ବୃତ୍ତମାନେ ମୋବାଇଲରେ ଥିବା ଫୋନ ପେ' ଦ୍ୱାରା ଆକାଉଣ୍ଟରୁ ୩ ଥରରେ ୫୦ ହଜାର ଟଙ୍କା ନେଇଯାଇଥିଲେ । ୟୁପିଆଇ ଆପ ଦ୍ୱାରା ଟଙ୍କା ଉଠାଯାଉଥିବାରୁ ଏହା ମୋବାଇଲ ଲୁଟେରାଙ୍କ କାମ ବୋଲି ସନ୍ଦେହ କର ସୂର୍ଯ୍ୟଦେବ ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ନଂ.୩୦୧/୨୪ରେ ମାମଲା ରୁଜୁ ହୋଇଛି।

# କମ୍ପର ଛକ ନିକଟରେ ବିଜେଡି କର୍ମୀ ସମ୍ମିଳନୀ


ସମ୍ମିଳନୀରେ ଉପସ୍ଥିତ ବିଜେଡି ନେତା ଓ କର୍ମୀ।

ଟିକିରି,୨୦।୧୦(ପ୍ରଫୁଲ୍ଲ କୁମାର ବେହେରା)

କାଶୀପୁର ବ୍ଲକ କୁଚେଇପଦର ପଞ୍ଚାୟତ ଅନ୍ତର୍ଗତ କମ୍ପର ଛକଠାରେ ରବିବାର ବିଜେଡିର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ସାଧାରଣ ନିର୍ବାଚନ ପରେ ବ୍ଲକ୍‌ରେ ପ୍ରଥମ ଥର ଅନୁଷ୍ଠିତ ବୈଠକରେ ଟିକିରି ଏବଂ ଡ଼ଙ୍ଗାସିଲ ଜିଲା ପରିଷଦ ଜୋନ୍ ଅଧୀନରେ ଥିବା ୧୫ଟି ପଞ୍ଚାୟତର ୨ ଶହରୁ ଅଧିକ କର୍ମୀ ଯୋଗ ଦେଇଥିଲେ। ବିଜେଡି ବ୍ଲକ ସଭାପତି ବିନୋଦ କୁମାର ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବ୍ଲକ ଅଧ୍ୟକ୍ଷ କଣ୍ଡ ମାଝୀ, ଜିଲା ଯୁବ ବିଜେଡି ସମ୍ପାଦକ ହର ପ୍ରସାଦ ନାୟକ, ବିଜେଡି ସମର୍ଥିତ ସରପଞ୍ଚ, ସମିତି ସଭ୍ୟ ସଭ୍ୟାଙ୍କ ସହିତ ଦଳୀୟ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ । ବୈଠକରେ ଦଳର ପରାଜୟ ନେଇ ଆତ୍ମସମୀକ୍ଷା କରାଯାଇଥିଲା । ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ତୃଣମୂଳସ୍ତରରେ ଦଳର ସଙ୍ଗଠନକୁ ସୁଦୃଢ଼ କରିବା ଏବଂ ଲୋକଙ୍କ ସୁଖଦୁଃଖରେ ସାଥି ହୋଇ ସେବା କରିବା ନେଇ ଆଲୋଚନା କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ନରସିଂହ ସାଉନ୍ତା, ବିଜୟ ରତ୍ନ ଚୌଧୁରୀ, ଗଣେଶ ସାଉନ୍ତା, ପାଟ ମାଝୀ, ପପୁଲର ମାଝୀ, ଶ୍ରୀରାମ ଗରଡ଼ା, ଭୀମ ମାଝୀ, ହରି ଦଳପତି, ଶ୍ରୀନୁ ମାଝୀ, ହୀରାଲାଲ ନାଏକ, ହରିଶ ବେନିଆ, ଅନନ୍ତ ନାଏକ, ନିରଞ୍ଜନୀ ସାଉନ୍ତା, ସୁଧୀର ଖରା, ଡମ୍ବୁରୁ ମାଝୀ, ଭାସ୍କର ନାଏକ, ସାଉଲ ବେନିଆ, ନାରାୟଣ ଗୌଡ଼, ଶ୍ରବଣ କୁମାର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

# ପାଚିକା, ସହାୟିକା ମହାସଂଘର ବ୍ଲକ୍‌ସ୍ତରୀୟ ସମ୍ମିଳନୀ

ଗୁଡାରି,୨୦।୧୦ (ପ୍ରମୋଦ କୁମାର ପତି)

ଦକ୍ଷିଣ ଓଡ଼ିଶା ପାଚିକା ଓ ସହାୟିକା ମହାସଂଘ ପକ୍ଷରୁ ରବିବାର ଗୁଡାରି ନୂତନ ବସ୍‌ଷ୍ଟାଣ୍ଡଠାରେ ବ୍ଲକ୍‌ସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସଂଘର ଦକ୍ଷିଣ ଓଡ଼ିଶା ଉପଦେଷ୍ଟା ତ୍ରିପତି ଗମାଙ୍ଗ ଓ ବୃନ୍ଦାବନ ବିଡିକା କାର୍ଯ୍ୟକ୍ରମରେ ଯୋଗଦେଇ ରାଜ୍ୟ ସରକାରଙ୍କ ଶ୍ରମିକ ଓ ଜନ ବିରୋଧୀ ନୀତି ବିରୋଧରେ ତୀବ୍ର ସମାଲୋଚନା କରିଥିଲେ। ଆସନ୍ତା ନଭେମ୍ବରରେ ଭୁବନେଶ୍ୱର ବିଧାନସଭା ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନ କରିବା ଲାଗି ଆହ୍ୱାନ ଦେଇଥିଲେ। ମୁଖ୍ୟତଃ ୧୫ ଦଫା ନେଇ ସେମାନେ ନିଜ ଦାବି ସରକାରଙ୍କ ନିକଟରେ ଉପସ୍ଥାପନ କରିଛନ୍ତି। ଦାବିଗୁଡିକ ମଧ୍ୟରେ ରହିଛି ପାଚିକା ଓ ସହାୟିକାଙ୍କୁ ସରକାରୀ ମାନ୍ୟତା ଓ ମାସିକ ୨୬ ହଜାର ଟଙ୍କା ପ୍ରଦାନ, ସ୍କୁଲ ବନ୍ଦ ଓ ସ୍କୁଲ ମିଶ୍ରଣ ଫଳରେ ବାଦ୍ ପଡିଥିବା ସମସ୍ତ ପାଚିକାଙ୍କୁ ଅନ୍ୟତ୍ର ନିଶ୍ଚିତ ନିଯୁକ୍ତି, କେନ୍ଦ୍ର ସରକାରଙ୍କ ଘୋଷଣା ଅନୁଯାୟୀ ୨୦୦୯ ଡିସେମ୍ବରଠାରୁ ୨୦୧୭ ଡିସେମ୍ବର ପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କର ୪୦% ଭାଗ ବକେୟା ପାରିଶ୍ରମିକ ପ୍ରଦାନ କରାଯାଉ, ନୂତନ ଶିକ୍ଷା ନୀତି ୨୦୨୦ ବାତିଲ କରାଯାଉ, ପିଲାସଂଖ୍ୟା କମ୍ ପାଇଁ ବନ୍ଦ ହୋଇଥିବା ୯୬୬ ଓ ୧୪୩୭୯ ପ୍ରାଥମିକ ବିଦ୍ୟାଳୟକୁ ତୁରନ୍ତ ଖୋଲାଯାଇ ପାଚିକାମାନଙ୍କୁ ନିଯୁକ୍ତି ଦିଆଯାଉ ଇତ୍ୟାଦି। ଏହି କାର୍ଯ୍ୟକ୍ରମରେ ମୁନି ଶବର (ସଭାପତି), ମୁକ୍ତା ଶବର, ସବିତା ଶବର, ରୀନା ଶବର, ସେବତୀ ଶବର, ପୁଷ୍ପା ଡୋଇକା, ସନ୍ତୋଷୀ କୈବର୍ତ୍ତ, ଏ. ସାବିତ୍ରୀ, ରିନୁ କିମ୍ବାକା, କରୁଣାକର ଲିମା ପ୍ରମୁଖ ଉପସ୍ଥିତ ଥିଲେ।



ସମ୍ମିଳନୀରେ ଯୋଗ ଦେଇଥିବା ସଂଘର ସଦସ୍ୟ।

# ଗୁଣପୁର ପ୍ରିମିୟର୍ ଲିଗ୍ ପାଇଁ ଖେଳାଳି ନିଲାମ

- ଆଇପିଏଲ୍ ଢାଞ୍ଚାରେ ୧୦ରୁ ଆରମ୍ଭ ହେବ ଟୁର୍ନାମେଣ୍ଟ
- ଓଡ଼ିଶା, ଆନ୍ଧ୍ର ଓ ଛତିଶଗଡ଼ରୁ ୧୫୦ ଖେଳାଳି ଭାଗନେବେ

ଗୁଣପୁର,୨୦।୧୦
(ପ୍ରଦୀପ କୁମାର ପାଢ଼ୀ)



କାର୍ଯ୍ୟକ୍ରମରେ ଭାଗ ନେଇଥିବା ବିଧାୟକ ଓ ଅନ୍ୟ ଅତିଥି।

ରାୟଗଡ଼ା ଜିଲା ଗୁଣପୁର ଇନ୍‌ଡୋର ଷ୍ଟାଡିୟମଠାରେ ଗୁଣପୁର ପ୍ରିମିୟର୍ ଲିଗ ସିଜନ-୩ ପାଇଁ ଖେଳାଳି ନିଲାମ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ୨ବର୍ଷ ହେଲା ଚାଲୁଥିବା ଏହି ଟୁର୍ନାମେଣ୍ଟ ଚଳିତ ଥର ନଭେମ୍ବର ୧୦ରୁ ୧୭ ପର୍ଯ୍ୟନ୍ତ ୫ଟି ଦଳକୁ ନେଇ ଆଇପିଏଲ୍ ଢାଞ୍ଚାରେ ଖେଳ ହେବ। କ୍ରୀଡା ପ୍ରେମୀ ସପନ ଦାସଙ୍କ ସଂଯୋଜନା କ୍ରମେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ସତ୍ୟଜିତ୍ ଗମାଙ୍ଗ, ସମ୍ମାନିତ ଅତିଥି ଭାବେ ପୌର ପରିଷଦ ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ, ଭାଜପା ନେତା ୱାଇ ଗଣପତି, ଗୁଣପୁର ନବ ନିର୍ମାଣ ସମିତିର ସଭାପତି ଅକ୍ଷୟ ଦାସ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ କ୍ରିକେଟ ଟୁର୍ନାମେଣ୍ଟର ପ୍ରଚାର ପାଇଁ ଶୁଭ ଦିଆଯାଇଥିଲା।

କାର୍ଯ୍ୟକ୍ରମରେ ଜୟ ଜଗନ୍ନାଥ ୧୧, ନିୟମଗିରି ଗୁଲ୍ଲସ୍, ନ୍ୟୁ ଏସ୍ ଲାଏନ୍ସ ଗୁଡାରି, ଟିମ ଲଣ୍ଡନ କିଙ୍ଗ୍ସ, ଗୁଣପୁର ସୁପର କିଙ୍ଗ ଭାଗ ନେଇଥିଲେ। ଆସନ୍ତା ନଭେମ୍ବର ୧୭ରେ ଫାଇନାଲ ମ୍ୟାଚ ହେବ ବୋଲି ଗୁଣପୁର ସ୍ପୋର୍ଟ୍ସ ଆସୋସିଏଶନ ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଥିଲା। ପ୍ରତ୍ୟେକ ଦଳ ମାତ୍ର ୩୫୦୦୦ ଟଙ୍କାର ବିଡ୍ ପ୍ରାଇସ ବ୍ୟୟ କରି ନିଜ ନିଜ ଦଳ ପାଇଁ ସର୍ବମୋଟ ୧୫ ଜଣ ଖେଳାଳିଙ୍କୁ କ୍ରୟ କରିପାରିବାର ନିୟମ ରହିଛି। ଏଥିରେ ଓଡ଼ିଶା, ଆନ୍ଧ୍ର ପ୍ରଦେଶ ଓ ଛତିଶଗଡର କୋଣ ଅନୁକୋଣରୁ ୧୫୦ ଖେଳାଳି ଭାଗନେଇଛନ୍ତି। ନିଲାମ କାର୍ଯ୍ୟକ୍ରମରେ ଦେବୀ ପ୍ରସାଦ ଆଚାର୍ଯ୍ୟ, କୃଷ୍ଣ ସେନାପତି, ଏସ୍.ବାବା ପ୍ରସାଦ, ପ୍ରଫୁଲ୍ଲ ଲିମା, ରମେଶ ଲିମା, ମୁନା ପାଣି, ରାମ ପଣ୍ଡା, ମିଲି ପାଢି, ପ୍ରମୋଦ ଦାସ, ଅମର ଶତପଥି, ସଞ୍ଜୀବ ପଟ୍ଟନାୟକ, ରାଧା ଗୌଡ, ଅନୀଲ ସାଉକାର, ହାଡିଆ ଶବର ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ କିରଣ କୁମାର ପାଣିଗ୍ରାହୀ, ଅଂଶୁମାନ ପଟ୍ଟନାୟକ, ସନ୍ଦୀପ ପାଣିଗ୍ରାହୀ, ଦ୍ୟୁତି କେଶର ବଡ, ଉମା ଶଙ୍କର ବାଉରୀ, ରାଜ କିଶୋର ଗୌଡ, ବଳିଆ ମହାନ୍ତି, ଶ୍ରୀୟାନ୍ସ ଦାସ ପ୍ରମୁଖ ପରିଚାଳନା କରିଥିଲେ ।

# ଓସିଏସ୍ ପରୀକ୍ଷାରେ କୋରାପୁଟରୁ ୮ କୃତକାର୍ଯ୍ୟ

କୋରାପୁଟ/ସୁନାବେଡା/ସେମିଳିଗୁଡା/ଦାମନଯୋଡି/କୋଟପାଡ଼, ୨୦।୧୦(ଅମିତାଭ ବେହେରା/କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼/ମାନସ ରଞ୍ଜନ କର/ କେ.ରାଜଶେଖର ରାଓ)

ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍‌ସି) ଦ୍ୱାରା ପରିଚାଳିତ ଓଏଏସ ପରୀକ୍ଷାରେ କୋରାପୁଟ ଜିଲାର ୮ ଯୁବତୀ ଯୁବକ ସଫଳତା ପାଇଛନ୍ତି। ସେମାନେ ହେଲେ ଲକ୍ଷ୍ମୀପୁର ବ୍ଲକର ଡୁନପାର ଗ୍ରାମର ନିବାସୀ ନାରାୟଣ ସାହୁଙ୍କ ପୁଅ ଚିନ୍ମୟ ସାହୁ । ସେ ୮୦ ର୍‍ୟାଙ୍କରେ ରହିଛନ୍ତି। ଦଶମନ୍ତପୁର ବ୍ଲକର ସଦର ମହକୁମ୍ଭାର ଲବଣୀଧର କୁସୁମଙ୍କ ପୁଅ ଅରବିନ୍ଦ କୁସୁମ(ର୍‍ୟାଙ୍କ ୫୧୧),ଜୟପୁରର ଲିଙ୍ଗରାଜ ନଗରର ରାଜେନ୍ଦ୍ର ବେପାରୀଙ୍କ ପୁଅ ଉତ୍କଳ ରଞ୍ଜନ ବେପାରୀ(ର୍‍ୟାଙ୍କ ୬୪୨) ଓ ଲମତାପୁଟ ବ୍ଲକର ଉମ୍ୟେଲ ପଞ୍ଚାୟତ ତେନ୍ତୁଳିପଡାର ଧନପତି ଶିଶା ୬୬୬ ର୍‍ୟାଙ୍କ ରହି ସଫଳତା ପାଇଛନ୍ତି। ଟିଆରଡବ୍ଲ୍ୟୁ ହାଇଅର୍ ସେକେଣ୍ଡାରୀ ସ୍କୁଲ ସୁନାବେଡା-୧ର କ୍ରୀଡା ଶିକ୍ଷକ ସଂଗ୍ରାମ କେଶରୀ ରାଉତ ଓ ଅବସରପ୍ରାପ୍ତ


ସ୍ୱାଗତିକା ରାଉତ


କଳ୍ପନା ନାୟକ


ଧନପତି ସିସା


ପ୍ରଶ୍ନୋଜିତ୍ ନାୟକ


ନରେଶ ଜାନି।

ଶିକ୍ଷୟିତ୍ରୀ ପଦ୍ମାବତୀ ସିଂଙ୍କ ଝିଅ ସ୍ୱାଗତିକା ରାଉତ ୩୮୯ ର୍‍ୟାଙ୍କରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଭୁବନେଶ୍ୱରସ୍ଥିତ ଓୟୁଏଟିରେ କୃଷିବିଜ୍ଞାନ ଶିକ୍ଷାରେ ୟୁଜି ଏବଂ ପିଜି ଶିକ୍ଷା ଲାଭ କରିବା ପରେ ତିନି ମାସ ହେବ ସେମିଳିଗୁଡା ତହସିଲ କାର୍ଯ୍ୟାଳୟରେ ରେଭେନିୟୁ ଆସିଷ୍ଟାଣ୍ଡ ଭାବେ କାର୍ଯ୍ୟରତ ଥିଲେ। ସେମିଳିଗୁଡା ତହସିଲଦାର ଦେବୀ ପ୍ରସାଦ ନାୟକ,ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡ଼ାମ ଏବଂ କୋରାପୁଟ ବିଧାୟକ ରଘୁରାମ ମାଛ ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେହିପରି ଆଦିବାସୀ ଉପାନ୍ତ ସୀମାବର୍ତ୍ତୀ ଅଞ୍ଚଳ କୋଟପାଡ଼ ବ୍ଲକର ବଟାସନା ପଞ୍ଚାୟତ ଘଟର୍ଲା ଗ୍ରାମର ଶିକ୍ଷକ ମହେଶ୍ୱର ନାୟକ ଓ ଶିକ୍ଷୟିତ୍ରୀ ସବିତା ନାୟକଙ୍କ ପୁଅ ପ୍ରଶ୍ନୋଜିତ ନାୟକ ଦ୍ୱିତୀୟ ଚେଷ୍ଟାରେ ୬୧୭ ର୍‍ୟାଙ୍କ ରଖି ଓସିଏସ୍ ପରୀକ୍ଷାରେ ସଫଳତା ପାଇଛନ୍ତି। ଗିର୍ଲା ପଞ୍ଚାୟତର ଠୋକଦୁକୁଲା ହାଣ୍ଡି ଗ୍ରାମର ଗଣପତି ନାୟକଙ୍କ ଝିଅ କଳ୍ପନା ନାୟକ ୩୮୩ ର୍‍ୟାଙ୍କ ରଖି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବାପା ଗଣପତି ଭେଟେନେରୀ ଡିପାର୍ଟମେଣ୍ଟରେ ଏଲଆଇ ଭାବେ କାର୍ଯ୍ୟ ତୁଲାଉଥିବା ବେଳେ ପ୍ରମୋସନ ପାଇ ସୁନ୍ଦରଗଡ଼ରେ କାର୍ଯ୍ୟରତ ଅଛନ୍ତି। କଳ୍ପନା ମାଡ୍ରାସରେ ଆଇଆଇଟି କରିଥିବା ବେଳେ ବର୍ତ୍ତମାନ ମା ଓ ଭାଇଙ୍କ ସହ ନବରଙ୍ଗପୁରରେ ରହୁଛନ୍ତି। ଉଭୟ ଓଡିଶା ପ୍ରଶାସନିକ କାର୍ଯ୍ୟରେ ନିଯୁକ୍ତି ପରେ ଲୋକଙ୍କର ସମସ୍ୟା ସମାଧାନ କରିବା ସହ ସରକାରଙ୍କ ନୀତି ନିୟମରେ ରହିବେ ବୋଲି ପ୍ରକାଶ କହିଛନ୍ତି। ସେହିପରି ଦାମନଯୋଡି ନାଲକୋ ବିସ୍ଥାପିତ ପାଟିଆସିଲ କଲୋନୀର କିଶାନ ଜାନିଙ୍କ ସାନପୁଅ ନରେଶ ଜାନି ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ୫୬୭ ର୍‍ୟାଙ୍କ ରଖି ସଫଳତା ପାଇଛନ୍ତି। ନରେଶ ନବୋଦୟ ବିଦ୍ୟାଳୟରେ ଦ୍ୱାଦଶ ପଢ଼ିବା ପରେ ଭୁବନେଶ୍ୱର ସିଇଟିରୁ କମ୍ପ୍ୟୁଟର ସାଇନ୍ସ ଇଞ୍ଜିନିୟରିଂ ଶେଷ କରି ବାଙ୍ଗାଲୋରସ୍ଥିତ ଏସଆଇବିଏମରୁ ଏମବିଏ ଡିଗ୍ରୀ ହାସଲ କରିଛନ୍ତି। ତେବେ ପାଠପଢ଼ା ଶେଷ ପରେ କୌଣସି ସରକାରୀ ଚାକିରୀ ନ ମିଳିବାରୁ ବାଇଜୁସ କମ୍ପାନୀରେ ୧୯ମାସ କାମ କରୁଥିଲେ। କିନ୍ତୁ ଲୋକ ସେବା କରିବାର ଅଦ୍ୟମ ଲକ୍ଷ୍ୟ ନେଇ ବାଇଜୁସ କମ୍ପାନୀରୁ କାମ ଛାଡି ନିଜ ଘରେ ପ୍ରଶାସନିକ ସେବା ପରୀକ୍ଷା ପାଇଁ ପ୍ରସ୍ତୁତି କରିବା ସହ ପ୍ରଥମ ଚେଷ୍ଟାରେ ସଫଳତା ହାସଲ କରିଥିବା ସେ କହିଛନ୍ତି। ବାପା କିଶାନ ନାଲକୋରେ କାର୍ଯ୍ୟରତ ଥିବା ବେଳେ ମାଆ ଦାଶାଇ ଜାନି ଜଣେ ଗୃହିଣୀ। ବାପା,ମାଆ,ବଡ଼ଭାଇ,ଭଉଣୀଙ୍କ ପ୍ରେରଣା ଓ ଗୁରୁଜନଙ୍କ ଉତ୍ସାହ ଯୋଗୁ ସେ ଏହି ସଫଳତା ହାସଲ କରିଥିବା ନରେଶ କହିଛନ୍ତି।

## ବଜ୍ରପାତରେ ନାବାଳିକା ମୃତ, ଜଣେ ଆହତ

ଚିତ୍ରକୋଣ୍ଡା, ୨୦।୧୦ (ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଞ୍ଚଳ ଧୁଳିପୁଟ ପଞ୍ଚାୟତ ଇସ୍କାବନ୍ଧ ଗ୍ରାମରେ ବଜ୍ରପାତରେ ଜଣେ ନାବାଳିକାଙ୍କର ମୃତ୍ୟୁ ହୋଇଥିବା ବେଳେ ଜଣେ ଆହତ ହୋଇଛନ୍ତି । ସୂଚନା ଅନୁଯାୟୀ, ଶନିବାର ଆନ୍ଧ୍ର-ଓଡିଶା ସୀମାନ୍ତ ଧୁଳିପୁଟ ପଞ୍ଚାୟତ ଇସ୍କାବନ୍ଧ ଗ୍ରାମର ସରୋଜି ଦୁରି (୮) ଓ ଚିନାମ୍ମା କଣ୍ଡାମୁଲଙ୍କ ସହ ଆଉ ଦୁଇଜଣ ନାବାଳିକା ଗାଈ ଚରାଇବା ପାଇଁ ଗ୍ରାମ ନିକଟସ୍ଥ ଜଙ୍ଗଲକୁ ଯାଇଥିଲେ। ସନ୍ଧ୍ୟାରେ ଫେରିବା ସମୟରେ ହଠାତ୍ ପ୍ରବଳ ବର୍ଷା ଓ ବଜ୍ରପାତ ହୋଇଥିଲା । ଫଳରେ ଏହି ବଜ୍ରପାତରେ ଘଟଣାସ୍ଥଳରେ ଦୁଇଜଣ ଗୁରୁତର ହୋଇଥିବା ବେଳେ ଅନ୍ୟ ଦୁଇଜଣ ଏହା ଦେଖି ସଙ୍ଗେ ସଙ୍ଗେ ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ଯାନବାଇ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ସରୋଜି ଦୂରୀଙ୍କୁ ଡାକ୍ତର ମୃତ ଘୋଷଣା କରିଥିବା ବେଳେ ଚିନାମା ଗୁରୁତର ହୋଇଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଚିତ୍ରକୋଣ୍ଡା ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା।

## ବୈଦ୍ୟ ଧନ୍ୱନ୍ତରୀ ଜୟନ୍ତୀ ପ୍ରସ୍ତୁତି ବୈଠକ



ବୈଠକରେ ଉପସ୍ଥିତ ଦକ୍ଷିଣ ଓଡ଼ିଶା ଆୟୁର୍ବେଦ ବିକାଶ ପରିଷଦର କବିରାଜ ଓ ଅନ୍ୟମାନେ ।

ଜୟପୁର,୨୦।୧୦(ପବନ ପାଣିଗ୍ରାହୀ)

ଜୟପୁର ଦୈନିକ ବଜାରରେ ଦକ୍ଷିଣ ଓଡ଼ିଶା ଆୟୁର୍ବେଦ ବିକାଶ ପରିଷଦ ପକ୍ଷରୁ ବୈଦ୍ୟ ଧନ୍ୱନ୍ତରୀ ଜୟନ୍ତୀ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜୟପୁର ଗୀତା ଭବନରେ ଅକ୍ଟୋବର ୩୦ ତାରିଖରେ ବୈଦିକ ରୀତିନୀତିରେ ପୂଜା ପାଠ ହୋମ ସହ ମାଗଣା ଆୟୁର୍ବେଦ ଔଷଧ ବିତରଣର ବ୍ୟବସ୍ଥା କରାଯିବା ପାଇଁ ପରିଷଦ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ସମ୍ପାଦକ କବିରାଜ ପରମେଶ୍ୱର ପାତ୍ର, ଡାକ୍ତର ସୁଦର୍ଶନ ଗୌଡ, କବିରାଜ କ୍ଷେତ୍ରବାସୀ ପଣ୍ଡା, ବୈଦ୍ୟ ସତ୍ୟ ନାରାୟଣ ପରଚ୍ଛା,ସୂର୍ଯ୍ୟନାରାୟଣ ମିଶ୍ର, ତ୍ରିପତି ସାହୁ, ବୈଦ୍ୟ କାଳି ଚରଣ ମହାରଣା, ସୌମ୍ୟ ରଞ୍ଜନ ବେହେରା ଓ ହରି ଗୌଡ ପ୍ରମୁଖ ଉପସ୍ଥିତ ଥିଲେ।

## ୧୦ ଘଣ୍ଟା ବିଦ୍ୟୁତ ସରବରାହ ବନ୍ଦ

ଜୟପୁର,୨୦।୧୦(ପବନ ପାଣିଗ୍ରାହୀ)- ଜୟପୁର, ବୈପାରୀଗୁଡ଼ା ଓ କୁନ୍ଦୁରା ବ୍ଲକରେ ମଙ୍ଗଳବାର ବିଦ୍ୟୁତ ସରବରାହ ବନ୍ଦ ରହିବ। ୨୨୦ କେଭି,୧୩୨ କେଭି ଓ ୩୩ କେଭି ଲାଇନର ମରାମତି କରାଯିବ। ୨୨ ତାରିଖ ସକାଳ ୭ଟାରୁ ସନ୍ଧ୍ୟା ୫ଟା ଯାଏ ବିଦ୍ୟୁତ ସରବରାହ ବନ୍ଦ ରହିବ ବୋଲି ଜୟପୁର ଟିପିଏସଓଡିଏଲ ପକ୍ଷରୁ ସୂଚନା ଦିଆଯାଇଛି।

## ନିଖିଳ ଓଡ଼ିଶା ପାଚିକା ସହାୟିକା ସଂଘର ସଭା


ପାଚିକା ସହାୟିକା ସଂଘ ପକ୍ଷରୁ କରାଯାଉଥିବା ସଭା।

ଜୟପୁର,୨୦।୧୦(ପବନ ପାଣିଗ୍ରାହୀ)

ଜୟପୁର ଶ୍ରମିକ କର୍ମଚାରୀ ଭବନରେ ଏଆଇଟିୟୁସି ସହବନ୍ଧିତ ନିଖିଳ ଓଡିଶା ପାଚିକା ସହାୟିକା ସଂଘର ରବିବାର ସଭା ଅନୁଷ୍ଠିତ ହୋଇଯାଇଛି। ସୁସ୍ମିତା ଖାତିଙ୍କ ସଭାପତିତ୍ୱରେ ନଭେମ୍ବର ୨୫ ତାରିଖରେ ରାଜ୍ୟ ସମ୍ମିଳନୀ ହେବା ନେଇ ସ୍ଥିର କରାଯାଇଛି। ତାହା ପୂର୍ବରୁ ସମସ୍ତ ବ୍ଲକ କମିଟି ଗଠନ କରି କୋରାପୁଟ ଜିଲା ସମ୍ମିଳନୀ ଆୟୋଜନ କରାଯିବ। ପାଚିକା ସହାୟିକାଙ୍କୁ ଶ୍ରମିକ ମାନ୍ୟତା ଦେବା ଏବଂ ଅବସର ପରେ ମାସିକ ୫୦୦୦ ଟଙ୍କା ପେନସନ, ବାସଗୃହ,ଛୁଆ ମାନଙ୍କ ଶିକ୍ଷା ସହ ପରିବାର ସଦସ୍ୟଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ଦାବି କରାଯାଇଛି। ବୈଠକରେ ଯମୁନା ଖିଲ ଓ ଶୁକ୍ରୀ ସିନ୍ଧିଆ ପ୍ରମୁଖ ଉପସ୍ଥିତ ଥିଲେ।

## ଯୁବତୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା

## ଭାଇଙ୍କୁ ମୃତଦେହ ହସ୍ତାନ୍ତର, ତଦନ୍ତ ଜାରି

ବ୍ରହ୍ମପୁର,୨୦।୧୦(ସୁବାସ ଚନ୍ଦ୍ର ପାଢ଼ୀ):ଗୋଷାଣିନୂଆଗାଁ ଥାନା ଅନ୍ତର୍ଗତ ଲାଞ୍ଜିପଲି ଚାଞ୍ଚଡାପଡିଆ ସାହିରେ ପୁରୁଷବନ୍ଧୁଙ୍କ ସହ ରହୁଥିବା ପିଙ୍କି ମଲିକ(୨୩)ଙ୍କ ମୃତ୍ୟୁ ଏବେ ବି ସନ୍ଦେହଘେରରେ ରହିଛି। ପିଙ୍କିଙ୍କ ଭାଇ ଜଗତସିଂହପୁର ଜିଲା ବିରିଡ଼ି ଥାନା ଅନ୍ତର୍ଗତ ପାଇକିରାବାଟି ଗ୍ରାମର ଦୀପକ ମଲିକ ଏମକେସିଜି ମେଡିକାଲରେ ପହଞ୍ଚି ପୋଲିସ ଉପସ୍ଥିତିରେ ଭଉଣୀର ମୃତଦେହ ଚିହ୍ନଟ କରିଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ଭାଇଙ୍କୁ ହସ୍ତାନ୍ତର କରିଛି। ପ୍ରାଥମିକ ତଦନ୍ତରୁ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି। ପିଙ୍କିଙ୍କ ପୁରୁଷବନ୍ଧୁ ବାଦଲ ପଣ୍ଡାଙ୍କୁ ଥାନାରେ ରଖି ପଚରାଉଚରା କରୁଛି।

ଚାଞ୍ଚଡ଼ାପଡ଼ିଆ ସାହିରେ ବାଦଲ ଘରଭଡା ନେଇ ପିଙ୍କିଙ୍କ ସହ ଲିଭଇନ ରିଲେସନଶିପରେ ରହୁଥିଲେ। ବାଦଲ କହିଛନ୍ତି ଯେ, ଶୁକ୍ରବାର ସେମାନେ ରାତ୍ରଭୋଜନ ସାରି ଶୋଇଥିଲେ। ରାତି ପ୍ରାୟ ୧୨ଟାରେ ହଠାତ୍ ଉଠିବା ବେଳେ ପିଙ୍କି ବେକରେ ଶାଢ଼ୀ ଲଗାଇ ଫ୍ୟାନରେ ଝୁଲୁଥିବା ଦେଖି ତାଙ୍କୁ ଉଦ୍ଧାର କରି ତୁରନ୍ତ ଏମକେସିଜି ମେଡିକାଲକୁ ଆଣିଥିଲେ। ସେଠାରେ ପିଙ୍କିଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ସଂକ୍ରାନ୍ତରେ ନଂ.୧୯/୨୪ରେ ମାମଲା ରୁଜୁ କରି ପୋଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ କରୁଛି।

## ୱାର୍କସ କ୍ଲବର ସାଧାରଣ ପରିଷଦ ବୈଠକ

କୋରାପୁଟ,୨୦।୧୦ (ଅମିତାଭ ବେହେରା)

କୋରାପୁଟ ବ୍ଲକର ଗୌଡଗୁଡା ଗ୍ରାମରେ ଜିଲା ୱାର୍କସ କ୍ଲବ ପକ୍ଷରୁ ଏକ ସାଧାରଣ ପରିଷଦ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗ୍ରାମର ୪୦ ବୃଦ୍ଧା ଓ ଯୁବକଙ୍କୁ ବସ୍ତ୍ର ପ୍ରଦାନ କରାଯାଇଛି। ୱାର୍କସ କ୍ଲବ ସଭାପତି ଅଜିତ ପାତ୍ରଙ୍କ ଅଧ୍ୟକ୍ଷତାରେ ବିଧାୟକ ରଘୁରାମ ମାଛ ଉପସ୍ଥିତ ରହି ଗ୍ରାମର ସର୍ବାଙ୍ଗିନ ଉନ୍ନତିରେ ଧ୍ୟାନ ଦେବେ ବୋଲି କହିଥିଲେ। ଗ୍ରାମରେ ଏକ ୱାର୍କସ କ୍ଲବ ଶାଖା ଗଠନ କରାଯାଇଥିଲା। ୱାର୍କସ କ୍ଲବର ଗଭର୍ଣ୍ଣର କୃଷ୍ଣ ଚନ୍ଦ୍ର ପଣ୍ଡା କ୍ଲବର ସଭାପତି ଭାବେ ଗୁପ୍ତ ଗୌଡ, ସମ୍ପାଦକ ଅଭିମନ୍ୟୁ ଗୌଡ ଓ କୋଷାଧ୍ୟକ୍ଷ ବଳରାମ ଗୌଡ଼ଙ୍କୁ ଶପଥ ପାଠ କରାଯାଇଥିଲା। ବୈଠକରେ କ୍ଲବର ସର୍କଲ ଉପସଭାପତି ଅଭିମନ୍ୟୁ ନାୟକ,କୋଷାଧ୍ୟକ୍ଷ ପ୍ରକାଶ ବାଉରୀ, ବରିଷ୍ଠ ପଥଚାରୀ ଜଗମୋହନ ସାହୁ, ସ୍ନେହଲତା ସାହୁ,ସଦସ୍ୟା ଆଶା ଲତା ପଟ୍ଟନାୟକ ସମେତ ବହୁ ସଦସ୍ୟାସଦସ୍ୟ ଉପସ୍ଥିତ ଥିଲେ। ସମ୍ପାଦକ ଲିଳିତ ମୋହନ ପଟ୍ଟନାୟକ ପରିଚାଳନା କରିଥିଲେ।


ୱାର୍କସ କ୍ଲବର ସାଧାରଣ ପରିଷଦ ବୈଠକରେ ଯୋଗଦେଇଥିବା କର୍ମକର୍ତ୍ତାମାନେ।

## ୨ ଟ୍ରକ୍ ଚାଳକଙ୍କୁ ମାଡ଼ମାରି ଲୁଟ୍

ଛତ୍ରପୁର,୨୦।୧୦ (ଦିଲ୍ଲୀପ ସାମଲ)

ଚମାଖଣ୍ଡି ଥାନା ଅଧୀନ ମାଟିଖାଲ ବ୍ୟାଘ୍ରଦେବୀ ମନ୍ଦିର ରାସ୍ତାରେ ଶନିବାର ବିଳମ୍ବିତ ରାତିରେ ୨ ଟ୍ରକ୍ ଚାଳକଙ୍କୁ ଦୁର୍ବୃତ୍ତ ମାଡିମାରି ଗାଡି କାଚ ଭାଙ୍ଗି ସେମାନଙ୍କଠାରୁ ମୋବାଇଲ ଫୋନ ଓ ଟଙ୍କା ଲୁଟି ନେଇଛନ୍ତି। ଟ୍ରକ ୨ଟି ତାଳଚେରରୁ ଆଇରନ ନେଇ ଗୋପାଳପୁର ପୋର୍ଟ ଆସୁଥିବା ବେଳେ ମାଟିଖାଲ ନିକଟରେ କେତେଜଣ ଦୁର୍ବୃତ୍ତ ଗାଡିକୁ ଅଟକାଇ ଏଭଳି କାଣ୍ଡ କରିଛନ୍ତି। ଏ ନେଇ ଟ୍ରକ ଚାଳକ ଥାନାରେ ମୌଖିକ ଭାବେ କହିଥିବା ବେଳେ ଏତଲା ଦେଇ ନ ଥିବା ଥାନା ଅଧିକାରୀ କହିଛନ୍ତି। ତଥାପି ଘଟଣାର ତଦନ୍ତ କରାଯାଉଛି।

## ଦିନକରେ ସାପ କାମୁଡ଼ାରେ ୨ ଜୀବନ ଗଲା

ବ୍ରହ୍ମପୁର/ପାତ୍ରପୁର,୨୦।୧୦(ସୁବାସ ଚନ୍ଦ୍ର ପାଢ଼ୀ/ଉମା ଚରଣ ନେପାକ): ଗଞ୍ଜାମ ଜିଲାରେ ଦିନକରେ ସାପ କାମୁଡ଼ାରେ ଗୁରୁତର ହୋଇଥିବା ୨ ଜଣଙ୍କ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ମୃତ୍ୟୁ ଘଟିଛି। ମୃତକ ହେଲେ ଜରଡ଼ା ଥାନା ଅନ୍ତର୍ଗତ ଷୋଳଭାଗ ପେଣ୍ଠର ୮ ବର୍ଷର ନାବାଳକ ରାମ ବଡ଼ତ୍ୟା ଓ ଜଗନ୍ନାଥପ୍ରସାଦ ଥାନା ଅନ୍ତର୍ଗତ ଗୋଛାବାଡ଼ିର ପିଙ୍କି ପ୍ରଧାନ (୧୭)। ରବିବାର ମେଡିକାଲ ଫାଣ୍ଡି ପୋଲିସ ୨ ମୃତଦେହ ଜବତ କରି ଅପମୃତ୍ୟୁ ମାମଲା ରୁଜୁ କରିଛି।

ଷୋଳଭାଗ ପେଣ୍ଠର ଜଗନ୍ନାଥ ବାଡ଼ତ୍ୟାଙ୍କ ପୁଅ ରାମ ଶନିବାର ରାତିରେ ଘରେ ଶୋଇଥିଲେ। ମଧ୍ୟରାତିରେ ରାମଙ୍କୁ ସାପ କାମୁଡ଼ିବାରୁ ସେ ଚିତ୍କାର କରିଥିଲେ। ଏହା ଶୁଣି ଜଗନ୍ନାଥ ଉଠିପଡି ପୁଅକୁ ସାପ କାମୁଡି ଦେଇଥିବା ଜାଣିବା ପରେ ତାଙ୍କୁ ପ୍ରଥମେ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପରେ ତାଙ୍କୁ ଏମକେସିଜି ସ୍ଥାନାନ୍ତର କରାଯାଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ସେହିପରି ଗୋଛାବାଡ଼ିର ପିଙ୍କି ଶନିବାର ରାତିରେ ଘରେ ଶୋଇଥିବା ବେଳେ ସାପ କାମୁଡି ଦେଇଥିଲା। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଜଗନ୍ନାଥପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପରେ ତାଙ୍କୁ ଏମକେସିଜି ସ୍ଥାନାନ୍ତର କରାଯାଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ୨ ମୃତଦେହ ଜବତ ପୃଥକ ଅପମୃତ୍ୟ ମାମଲା (ନଂ. ୬୬୨ ଓ ୬୬୩/୨୪) ରୁଜୁ କରିଛି।

## ପ୍ରଶାସନ, ନାଗରିକ ସମନ୍ୱୟ କମିଟି ବୈଠକ



ବୈଠକରେ ଉପସ୍ଥିତ ବିଧାୟକ ତାରା ପ୍ରସାଦ ବାହିନୀପତି, ଉପଜିଲାପାଳ ଓ ଅନ୍ୟମାନେ।

ଜୟପୁର,୨୦।୧୦(ପବନ ପାଣିଗ୍ରାହୀ)

ଜୟପୁର ପାରାବେଢାସ୍ଥିତ ସନ୍ତୋଷୀ ମା' ନଗର ଉନ୍ନୟନ କମିଟି ପକ୍ଷରୁ ପ୍ରଶାସନ ଓ ନାଗରିକ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି, ଉପଜିଲାପାଳ ଆକାବରମ ଶସ୍ୟା ରେଡ୍ଡୀ, ଏସଡିପିଓ ଅଙ୍କିତ କୁମାର ବର୍ମା, ପୌର ଅଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତିଙ୍କ ସହ କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ। ଅଞ୍ଚଳର ବିକାଶ ସହ ଚୋରି ରୋକିବା ପାଇଁ କମିଟି ଦାବି କରିଥିଲା। ଅଞ୍ଚଳରେ ସିସି କ୍ୟାମେରା ଲଗାଇବାକୁ ବିଧାୟକ ବାହିନୀପତି ପ୍ରତିଶ୍ରୁତି ଦେଇଥିଲେ।

## ଖୋର୍ଦ୍ଧା ଷ୍ଟେସନରୁ ଅପହୃତା ନାବାଳିକା ଉଦ୍ଧାର, ଯୁବକ ଗିରଫ

ବ୍ରହ୍ମପୁର,୨୦।୧୦ (ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁରରୁ ଅପହରଣ ହୋଇ ଥିବା ଜଣେ ନାବାଳିକାଙ୍କୁ ବୈଦ୍ୟନାଥପୁର ଥାନା ପୋଲିସ ଖୋର୍ଦ୍ଧା ରେଳବାଇ ଥାନରୁ ଉଦ୍ଧାର କରିଛି। ପୋଲିସ ପିଡ଼ିତାଙ୍କ ବୟାନ ରେକର୍ଡ କରିଛି। ଉଦ୍ଧାର ପରେ ୧୬ ବର୍ଷୀୟ ନାବାଳିକାଙ୍କୁ ତାଙ୍କ ପରିବାର ଲୋକଙ୍କୁ ପୋଲିସ ହସ୍ତାନ୍ତର କରିଛି। ନାବାଳିକାଙ୍କୁ ଅପହରଣ କରି ନେଇ ଯାଉଥିବା ଜଣେ ଯୁବକଙ୍କୁ ପୋଲିସ ସେଠାରୁ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ହେଲେ କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ କସୋଟି ଗ୍ରାମର ଆଲୋକ କୁମାର ନାଥ(୨୫) । ଅଭିଯୁକ୍ତଙ୍କୁ ଜେରା ବେଳେ ସେ ଛାତ୍ରୀଙ୍କୁ ବିଭିନ୍ନ ଡ୍ୟାନ୍ସ କାର୍ଯ୍ୟକ୍ରମରେ ନିୟୋଜିତ କରିବେ ବୋଲି ତାଙ୍କୁ ପ୍ରଲୋଭିତ ଅପହରଣ କରି ନେଉଥିଲେ ବୋଲି ପୋଲିସ ଜାଣିବାକୁ ପାଇଛି। ପିଡ଼ିତା ଛାତ୍ରୀଙ୍କ ବୟାନ ଆଧାରରେ ପୋଲିସ ମାମଲା ନଂ୪୭୫/୨୪ ରେ ଆଲୋକ ନାଥଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି।

ନାବାଳିକା ଜଣଙ୍କ ବ୍ରହ୍ମପୁରରେ ଆଇଟିଆଇ ପଢୁଥିବା ବେଳେ ଅଭିଯୁକ୍ତ ଆଲୋକ ରେଳଷ୍ଟେଶନ ନିକଟରେ ଫାଷ୍ଟଫୁଡ ଦୋକାନ କରିଥିଲେ। ଉଭୟଙ୍କ ମଧ୍ୟରେ କିଛି ଦିନ ପରିଚୟ ହେବା ପରେ ନାବାଳିକାଙ୍କୁ ନୃତ୍ୟ କାର୍ଯ୍ୟକ୍ରମରେ କାମ ଯୋଗାଇଦେବାକୁ କହି ଅଭିଯୁକ୍ତ ଆଲୋକ ତାଙ୍କୁ କେନ୍ଦ୍ରାପଡା ଅଭିମୁଖେ ନେଉଥିଲା । ତେବେ ଶନିବାର ନାବାଳିକା ଜଣଙ୍କ କଲେଜ ଯାଇ ଘରକୁ ନ ଫେରିବାରୁ ତାଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଛାତ୍ରୀଙ୍କ ମୋବାଇଲ ଟ୍ରାକିଂ କରିଥିଲା। ରାତ୍ର ୯ଟା ବେଳେ ଛାତ୍ରୀ ଜଣଙ୍କ ଖୋର୍ଦ୍ଧା ରେଳଷ୍ଟେଶନରେ ଥିବା ତାଙ୍କ ଲୋକେସନରୁ ପୋଲିସ ଜାଣିବାକୁ ପାଇଥିଲା। ଖୋର୍ଦ୍ଧା ରେଳବାଇ ପୋଲିସ ସହ ଯୋଗାଯୋଗ କରାଯାଇ ନାବାଳିକାଙ୍କୁ ଉଦ୍ଧାର ପାଇଁ ପ୍ରୟାସ କରାଯାଇଥିଲା।

## ୩୪ କେଜି ଗଞ୍ଜେଇ ଜବତ: ଯୁବତୀଙ୍କ ସହ ୫ ଗିରଫ

କୋରାପୁଟ,୨୦।୧୦ (ଅମିତାଭ ବେହେରା)

କୋରାପୁଟ ଟାଉନ ପୋଲିସ ଦିଲ୍ଲୀ ଚାଲାଣ ପାଇଁ ଯୋଜନା ହେଉଥିବା ବେଳେ ୩୪ କେଜି ଗଞ୍ଜେଇ ଜବତ କରାଯାଇ ଜଣେ ଯୁବତୀଙ୍କ ସହ ୫ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଉତପ୍ରଦେଶ ଅଞ୍ଚଳର ଆଲଫା ମାସମାନ(୨୦),ପ୍ରେମ ସିଂ ମହୁରିଆ(୨୩),କୋରାପୁଟ ସହରର ଭାଣ୍ଡିସାହି ଅଚଂଳର ରୁପାନ୍ତର ରାଖି, ରାଣୀଗଡ ଅଚଂଳର ମୋହନ ନାଗ ଓ ଟିକିରାମ ହରିଜନ। ଶୁକ୍ରବାର ରାତିରେ ଉତ୍ତରପ୍ରଦେଶ ଅଞ୍ଚଳର ଆଲଫା ଓ ପ୍ରେମ ସିଂ ମହୁରିଆ ୨ଟି ବ୍ୟାଗରେ ୩୪ କେଜି ଗଞ୍ଜେଇ ନେଇ ବସ ଯୋଗେ ଆସି କୋରାପୁଟ ବସଷ୍ଟାଣ୍ଡରେ ପହଞ୍ଚିଥିଲେ। ଏକ ଅଟୋ(ଓଡି ୧୦ ଏ -୧୮୫୦)ରେ ଥିବା ଏକ ଲର୍ଜରେ ରହିବା ପାଇଁ ବାହାରି ଥିବା ବେଳ ଅଟୋ ବାଲା ଉଭୟଙ୍କୁ



ଲର୍ଜ ନେବା ପରିବର୍ତ୍ତେ କୋରାପୁଟ ଉପକଣ୍ଠ ଉମୁରି ନିକଟରେ ରାସ୍ତାରେ ଅଟୋ ରଖି ଉଭୟଙ୍କୁ ମାଡ ମାରିବା ସହ ବ୍ୟାଗ ବାହାର କରି ତାଙ୍କଠାରୁ ୭ ହଜାର ଟଙ୍କା ଓ ମୋବାଇଲ ଲୁଟ କରି ନେଇଥିଲେ। ଟାଉନ ପୋଲିସ ଲୁଟ ଶିକାର ହୋଇଥିବା ଆଲଫା ଓ ପ୍ରେମଙ୍କୁ ଥାନାକୁ ଆଣିବା ସହ ସେମାନଙ୍କୁ ଜେରା କରି ବ୍ୟାଗକୁ ଯାଞ୍ଚ କରିଥିଲେ। ଉଭୟଙ୍କ ସୂଚନାକୁ ଆଧାର କରି ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢାଉ ଚଳାଇଥିବା ବେଳେ ରବିବାର ଉକ୍ତ ଅଟୋକୁ ବସଷ୍ଟାଣ୍ଡରୁ ଜବତ କରାଯାଇଥିଲା। ଲୁଟରେ ସାମିଲ ଥିବା ୨ ଯୁବକଙ୍କ ସହ ଜଣେ ଯୁବତୀଙ୍କୁ ଗିରଫ କରିଯିବା ସହ କୋର୍ଟ ଚାଲାଣ କରାଯାଇଛି। ୭ ହଜାର ଟଙ୍କାରୁ ପୋଲିସ ୮୧୦ ଟଙ୍କା ଜବତ କରିଥିବା ବେଳେ ୫ ମୋବାଇଲ ଜବତ କରି ତଦନ୍ତ ଜାରି ରଖିଥିବା କୋରାପୁଟ ଟାଉନ ପୋଲିସ ପକ୍ଷରୁ ସୂଚନା ମିଳିଛି।



ଶୋଚନୀୟ ହୋଇପଡ଼ିଥିବା କଣ୍ଟାଗାଁ ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟ ଶ୍ରେଣୀଗୃହ।



ବିପଦସଙ୍କୁଳ ଶ୍ରେଣୀ ଗୃହରେ ପିଲାଙ୍କ ପାଠପଢ଼ା ଚାଲିଛି।

# ଅଧାପନ୍ତରିଆ ଶ୍ରେଣୀଗୃହରେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଢ଼ା

**ନବରଙ୍ଗପୁର,୨୦।୧୦**
**(ସଦାଶିବ ପ୍ରହରାଜ)**

## ସ୍କୁଲରେ ୫-ଟି ରୂପାନ୍ତରିତ କାମ ସରିନି, ଉଦ୍‌ଘାଟନ ସରିଲାଣି

ଅଧାପନ୍ତରିଆ ନିର୍ମାଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ ହୋଇଥିବା ଦେଖାଇ ଉଦ୍‌ଘାଟନ କରାଯାଇଛି। ହେଲେ ଉଦ୍‌ଘାଟନର ବର୍ଷେ ବିତିନି ରଙ୍ଗ ଛାଡି ସୌନ୍ଦର୍ଯ୍ୟ ହଜିଗଲାଣି। ତଥାପି ଅସମ୍ପୂର୍ଣ୍ଣ କାମ ସମ୍ପୂର୍ଣ୍ଣ ହୋଇପାରୁନାହିଁ । ଅନିୟମିତତା ସହିତ ଅଧୁରା ଦଦରା ଶ୍ରେଣୀ ଗୃହରେ ପିଲାଙ୍କ ପାଠପଢ଼ା ଓ ଭବିଷ୍ୟତ ଗଢ଼ାଚାଲିଛି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ କଣ୍ଟାଗାଁ ପଞ୍ଚାୟତ ସଦର ମହାକୁମ୍ଭାଠାରେ ।

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଅଧୀନ କଣ୍ଟାଗାଁ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ୫-ଟି ଅଧୀନରେ ରୂପାନ୍ତରିତ କରାଯାଇ ରଙ୍ଗ ଦିଆଯିବା ସହିତ ବିଭିନ୍ନ ମରାମତି କାର୍ଯ୍ୟ ଏବଂ ଶ୍ରେଣୀ ଗୃହ ନିର୍ମାଣ କରାଗଲା। ପୁରୁଣା ଟିଣ ଛପର ଶ୍ରେଣୀଗୃହର ମରାମତି ପାଇଁ କାନ୍ଥରୁ ପ୍ଲାଷ୍ଟର ଛଡାଇ ଦିଆଗଲା । ଟିଣଗୁଡିକ ଅତି ପୁରୁଣା ହୋଇଥିବାରୁ ଶ୍ରେଣୀ ଗୃହରେ ସାମାନ୍ୟ ପାଣି ଗଳୁଛି । ଏ ନେଇ ନୂଆ ଟିଣ ପକାଇବାକୁ ବ୍ୟବସ୍ଥା ଥିଲା। ୪୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାରେ ବିଦ୍ୟାଳୟଗୁଡିକ ରୂପାନ୍ତରିତ କରାଗଲା । କିନ୍ତୁ ଆବଶ୍ୟକ ଥିବା ଶ୍ରେଣୀଗୃହ ମରାମତି ହୋଇପାରିଲା ନାହିଁ । ଫଳରେ ବିପଦସଙ୍କୁଳ ଶ୍ରେଣୀ ଗୃହରେ କୋମଳମତି ଶିଶୁଙ୍କ ପାଠପଢା ଚାଲିଛି । କୌଣସି ଅଘଟଣ ଘଟିଲେ ତା' ପାଇଁ କିଏ ଦାୟୀ ରହିବ ବୋଲି ପ୍ରଶ୍ନ ଉଠୁଛି । ଅନ୍ୟପଟେ ଭାଜପା ସରକାର ଆସିବା ପରେ ଆଉ ୫-ଟି କାମ କରୁନାହିଁ । ଏହି ନାମ ମଧ୍ୟ ଉଭେଇ ଗଲାଣି । ଏବେ ଅଧୁରା କାର୍ଯ୍ୟ କିଭଳି ସମ୍ପୂର୍ଣ୍ଣ ହେବ ସେ ନେଇ ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ଅଭିଭାବକମାନେ ଚିନ୍ତାରେ ରହିଛନ୍ତି । ଏ ନେଇ ତେନ୍ତୁଳିଖୁଣ୍ଟି ବିଡିଓ ମନୋଜ ପାଣିଗ୍ରାହୀଙ୍କୁ ପଚରିବାରୁ ଯେଉଁ ଠିକାଦାର ପୂର୍ବରୁ କାମ କରୁଥିଲେ ସେ ତାଙ୍କ ସହିତ ଯୋଗାଯୋଗ କରି ଉକ୍ତ ଅସମ୍ପୂର୍ଣ୍ଣ କାର୍ଯ୍ୟ କିଭଳି ଶେଷ ହେବ ସେଥି ପ୍ରତି ଗୁରୁତ୍ୱ ଦେବେ ବୋଲି କହିଛନ୍ତି ।

# ମହିଳାଙ୍କ ଅସ୍ୱାଭାବିକ ମୃତ୍ୟୁ, ସ୍ୱାମୀ ଅଟକ

**ପାପଡାହାଣ୍ଡି,୨୦।୧୦**
**(ସ୍ୱପ୍ନଜିତ ପଟ୍ଟନାୟକ)**

## ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

ନବରଙ୍ଗପୁର ଜିଲା ପାପଡାହାଣ୍ଡି ସଦର ସିନ୍ଧିବନ୍ଧ ଢ଼େପ ସାହିରେ ଜଣେ ମହିଳାଙ୍କ ଅସ୍ୱଭାବିକ ମୃତ୍ୟୁ ହୋଇଛି। ଶ୍ୱଶୁର ଘର ଲୋକେ ତାଙ୍କୁ ହତ୍ୟା କରିଥିବା ନେଇ ମୃତ ମହିଳାଙ୍କ ପରିବାର ଲୋକ ଥାନାରେ ଅଭିଯୋଗ କରିଛନ୍ତି। ଏହି ଘଟଣାରେ ପାପଡାହାଣ୍ଡି ପୋଲିସ ମୃତକଙ୍କ ସ୍ୱାମୀ ରାମଚନ୍ଦ୍ର ମାଝୀଙ୍କୁ ଅଟକ ରଖିଛନ୍ତି।

ମୃତକଙ୍କ ଭଉଣୀ ପଦମାମିନର ବାଲିଆଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ଭଉଣୀ ପାପଡାହାଣ୍ଡି ବନ୍ଧଢ଼େପ ସାହିର ରାମଚନ୍ଦ୍ର ଗତ ୨୦ ବର୍ଷ ତଳେ କୋରାପୁଟ ଜିଲା ବୈପାରୀଗୁଡା ଅଞ୍ଚଳ ହରଡାଗୁଡା ଗ୍ରାମର ପ୍ରତିମା ମାଝୀଙ୍କୁ ପ୍ରେମ ବିବାହ କରିଥିଲେ। ବିବାହ ର କିଛି ବର୍ଷ ପରେ ଉଭୟ ସ୍ୱାମୀ ସ୍ତ୍ରୀ ମଧ୍ୟରେ ଝଗଡା ଲାଗି ରହିଥିଲା । ଗତ ଶନିବାର ରାତିରେ ଉଭୟଙ୍କ ମଧ୍ୟରେ କୌଣସି କାରଣକୁ ନେଇ ଗଣ୍ଡଗୋଳ ହୋଇଥିଲା। ରାମଚନ୍ଦ୍ର ରବିବାର ସକାଳେ ଫୋନ ଯୋଗେ ଜଣେଇଥିଲେ , ତୁମ ଭଉଣୀଙ୍କ ମୃତ୍ୟୁ ହୋଇଛି । ଆମେ ଆସି ପହଁଚିବା ପରେ ତାଙ୍କୁ ହତ୍ୟା କରାଯାଇଥିବା ନେଇ ସନ୍ଦେହ ହେବାରୁ ପଦମାମିନର ପାପଡାହାଣ୍ଡି ଥାନାରେ ଅଭିଯୋଗ କରିଥିଲେ। ପୋଲିସ କେଶ ନଂ ୨୧୯/୧୪ ମାମଲା ରୁଜୁ କରି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି । ଘଟଣାର ତଦନ୍ତ ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଥାନା ଅଧିକାରୀ ଦୀପକ କୁମାର ଜେନା ସୂଚନା ଦେଇଛନ୍ତି ।

# ଓସିଏସ୍ ପରୀକ୍ଷାରେ ଆଦିବାସୀ ଝିଅ ପ୍ରିୟଦର୍ଶନୀଙ୍କ ସଫଳତା

**ଡାବୁଗାଁ, ୨୦।୧୦ (ପ୍ରଜ୍ଞାରଞ୍ଜନ ପରିଡା)**



ଓଡ଼ିଶା ଲୋକସେବା ଆୟୋଗ ଦ୍ୱାରା ପରିଚାଳିତ ଓସିଏସ୍ ପରୀକ୍ଷାରେ ଆଦିବାସୀ ଅଧ୍ୟୁଷିତ ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ମେଦନା ପଞ୍ଚାୟତ ଅଧୀନ ଚାଟିଗୁଡା ଗ୍ରାମର ଆଦିବାସୀ ଝିଅ ପ୍ରିୟଦର୍ଶନୀ ପୂଜାରୀ ସଫଳତା ହାସଲ କରିଛନ୍ତି। ଚାଟିଗୁଡା ଗ୍ରାମର ସୁଦର୍ଶନ ପୂଜାରୀ ଓ ଯଶୋବନୀ ପୂଜାରୀଙ୍କ ଝିଅ ପ୍ରିୟଦର୍ଶନୀ ୬୨୩ ର୍‍ୟାଙ୍କରେ ରହିଛନ୍ତି । ଫଳରେ ବିଭିନ୍ନ ସ୍ଥାନରୁ ଶୁଭେଚ୍ଛାର ସୁଅ ଛୁଟିଛି। ସେ ୧ମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ଚାଟିଗୁଡା ୟୁଜିୟୁପି ସ୍କୁଲରେ ପଢିଥିବା ବେଳେ ୬ଷ୍ଠରୁ ୮ମ ପର୍ଯ୍ୟନ୍ତ ଖାତିଗୁଡା ଜବାହର ନବୋଦୟ ବିଦ୍ୟାଳୟ, ୯ମ ଶ୍ରେଣୀ ଝାଡଖଣ୍ଡର ଦେଓଘର ଜବାହର ନବୋଦୟ ବିଦ୍ୟାଳୟ, ୧୦ମ ଶ୍ରେଣୀ ଇନ୍ଦ୍ରାବତୀର ଖାତିଗୁଡା ଜବାହର ନବୋଦୟ ବିଦ୍ୟାଳୟରେ ପାଠ ପଢ଼ିଥିଲେ। ଯୁକ୍ତ୨ କୋରାପୁଟ ନବୋଦୟ ବିଦ୍ୟାଳୟ, ଯୁକ୍ତ୩ ଭବାନୀପାଟଣାର ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ଭୁବନେଶ୍ୱର ବାଣୀବିହାର ଉତ୍କଳ ବିଶ୍ୱବିଦ୍ୟାଳୟରେ ଭୂଗୋଳରେ ସ୍ନାତକୋତ୍ତର ଶେଷ କରିଛନ୍ତି । ସେ ପ୍ରଥମେ ୨୦୧୭ରେ ଓସିଏସ୍ ପରୀକ୍ଷା ଦେଇଥିଲେ, ହେଲେ ସେତେବେଳେ ତାଙ୍କୁ ବିଫଳତାର ସ୍ୱାଦ ଚାଖିବାକୁ ପଡିଥିଲା। ତଥାପି ସେ ନିରାଶ ନ ହୋଇ ମନୋବଳକୁ ଦୃଢ କରି କଠିନ ପରିଶ୍ରମ କରିଥିଲେ ଓ ୨୦୨୨ରେ ପୁଣିଥରେ ପରୀକ୍ଷା ଦେଇଥିଲେ । ହେଲେ ଚଳିତ ବର୍ଷ ସେ ୬୨୩ ର୍‍ୟାଙ୍କ ସହ ସଫଳତା ହାସଲ କରିଛନ୍ତି। ପ୍ରିୟଦର୍ଶନୀଙ୍କ ବାପା ଏବେ ଝରିଗାଁ ବ୍ଲକ ଇଚ୍ଛାପୁର ପଞ୍ଚାୟତ ଅଧୀନ ମୁଣ୍ଡିମାଳ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟ କରୁଛନ୍ତି। ପ୍ରିୟଦର୍ଶନୀ ଏକ ମଧ୍ୟବିତ୍ତ ପରିବାର ସାଙ୍ଗକୁ ଉପାନ୍ତ ଅଞ୍ଚଳରେ ବଢିଥିଲେ ମଧ୍ୟ ଉଚ୍ଚଶିକ୍ଷା ପ୍ରାପ୍ତ କରିବାର ଆଶା ତାଙ୍କ ସଫଳତାର ଶୀର୍ଷରେ ପହଞ୍ଚାଇଛି। ତାଙ୍କର ଏହି ସଫଳତା ନିଜସ୍ୱ ନୁହେଁ ବରଂ ଅଞ୍ଚଳବାସୀଙ୍କ ସଫଳତା ବୋଲି ସେ ନିଜ ପ୍ରତିକ୍ରିୟାରେ କହିଛନ୍ତି। ତା'ଛଡା ତାଙ୍କର ଏହି ସଫଳତା ପଛରେ ତାଙ୍କ ମାତାପିତା, ଗୁରୁଜନ, ଶିକ୍ଷୟିତ୍ରୀ ଶିକ୍ଷକ ତଥା ସାଙ୍ଗସାଥୀ ଓ ବନ୍ଧୁବାନ୍ଧବଙ୍କ ପ୍ରେରଣା ରହିଥିବା ସେ କହିଛନ୍ତି ।

# ଜୟପୁରରେ ସ୍ୱାସ୍ଥ୍ୟ ଶିବିର



ସ୍ୱାସ୍ଥ୍ୟ ଶିବିରରେ ଉପସ୍ଥିତ ବିଧାୟକ ତାରା ପ୍ରସାଦ ବାହିନୀପତି ଓ ଅନ୍ୟମାନେ।

**ଜୟପୁର,୨୦।୧୦(ପବନ ପାଣିଗ୍ରାହୀ)**

ଜୟପୁରରେ ଅଗ୍ରସେନ ଭବନରେ ଭୁବନେଶ୍ୱର ମଣିପାଲ ହସ୍ପିଟାଲ ପକ୍ଷରୁ ଏକ ସ୍ୱାସ୍ଥ୍ୟ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ହସ୍ପିଟାଲର ହୃଦ୍‌ରୋଗ ବିଭାଗ, ସ୍ନାୟୁରୋଗ ବିଭାଗ, ଅସ୍ଥିଶଲ୍ୟ ବିଭାଗ, ମେଡିସିନ ବିଭାଗର ଅଭିଜ୍ଞ ଡାକ୍ତରମାନେ ଉପସ୍ଥିତ ଥିଲେ। ଅଞ୍ଚଳର ୪୦୦ରୁ ଉର୍ଦ୍ଧ୍ୱ ଲୋକ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ରାଜ୍ୟର ଅଭିଜ୍ଞ ତଥା ବରିଷ୍ଠ ଡାକ୍ତରଙ୍କୁ ଏକାଠି କରି ଜୟପୁର ଭଳି ଅଞ୍ଚଳରେ ମାଗଣାରେ ସ୍ୱାସ୍ଥ୍ୟ ଶିବିର କରିଥିବାରୁ ମଣିପାଲ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଦେଇଥିଲେ। କେବଳ ରୋଗର ଚିକିତ୍ସା ନୁହେଁ ବରଂ ସାଧାରଣ ଲୋକଙ୍କୁ ସ୍ୱାସ୍ଥ୍ୟ ପ୍ରତି ସଚେତନ କରାଇବା ମଧ୍ୟ ମଣିପାଲ ହସ୍ପିଟାଲର ଲକ୍ଷ୍ୟ ବୋଲି ନିର୍ଦ୍ଦେଶକ ଡାକ୍ତର ଶକ୍ତିମୟ ମହାପାତ୍ର କହିଥିଲେ। ବିଭିନ୍ନ ଜିଲାରେ ଶିବିର ଆୟୋଜନ କରି ସ୍ୱାସ୍ଥ୍ୟ ପରୀକ୍ଷା ଓ ସଚେତନ କରାଯିବ ବୋଲି ସେ କହିଥିଲେ। ପୌର ଅଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ବିଡିଓ ଶକ୍ତି ମହାପାତ୍ର ଓ ସଞ୍ଜୟ ଜୈନ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରିୟଙ୍କା, ବିଜୟ ଓ ସୁମିତଙ୍କ ଓସିଏସ୍ ପରୀକ୍ଷାରେ ସଫଳତା

ଉମରକୋଟ/ଧୋଡ୍ରା, ୨୦।୧୦
**(ସନ୍ତୋଷ ଶତପଥୀ/ ଗଣେଶ ଚନ୍ଦ୍ର ଛତ୍ରା)**



ପ୍ରିୟଙ୍କା ନାୟକ



ବିଜୟ ମହାନ୍ତି



ସୁମିତ ମଣ୍ଡଳ।

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକର ପ୍ରିୟଙ୍କା ନାୟକ, ବିଜୟ ମହାନ୍ତି ଓ ସୁମିତ ଓସିଏସ୍ ପରୀକ୍ଷାରେ କୃତକାର୍ଯ୍ୟ ହାସଲ କରିଛନ୍ତି। କଲ୍ୟାଣ ବିଭାଗର ଅବସରପ୍ରାପ୍ତ ସେବକ ତୁମନାଥ ନାୟକ ଓ କଲ୍ୟାଣୀ ସାହୁଙ୍କ ଝିଅ ପ୍ରିୟଙ୍କା ୫୪୨ ର୍‍ୟାଙ୍କରେ ସଫଳତା ହାସଲ କରିଛନ୍ତି। ପ୍ରିୟଙ୍କା ଉମରକୋଟରେ ପ୍ରାଥମିକ ଶିକ୍ଷା ହାସଲ କରିବା ପରେ କଟକ ସେଣ୍ଟ ଜାଭିୟର୍ସ ପବ୍ଲିକ ସ୍କୁଲରେ ଦଶମ ଓ ରେଭେନ୍ସାରେ ଯୁକ୍ତଦୁଇ ପଢି ପଞ୍ଜାବର ଲଭିଲି ପ୍ରଫେଶନାଲ ବିଶ୍ୱ ବିଦ୍ୟାଳୟରେ ବିଟେକ ପାଠ ପଢିଥିଲେ। ବର୍ତ୍ତମାନ ସେ ଚେନ୍ନାଇରେ ଆଇଓବି ବ୍ୟାଙ୍କରେ ବ୍ରାଞ୍ଚ ମ୍ୟାନେଜର ଭାବେ କାର୍ଯ୍ୟରତ। ସେ ପ୍ରଥମ ଚେଷ୍ଟାରେ ହିଁ କୃତକାର୍ଯ୍ୟ ହାସଲ କରିଛନ୍ତି। ସେହିପରି ଉମରକୋଟ ସହର ଗୁଲିପାଟଣା ସାହିର ଶିକ୍ଷକ ବିରଞ୍ଚି ନାରାୟଣ ମହାନ୍ତି ଓ ଲକ୍ଷ୍ମୀରାଣୀ ମହାନ୍ତିଙ୍କ ପୁଅ ବିଜୟ ମହାନ୍ତି ମଧ୍ୟ ଓପିଏସସି ପରୀକ୍ଷାରେ ସଫଳତା ହାସଲ କରିଛନ୍ତି। ବିଜୟ ଇଣ୍ଡିଆନ ନେଭିର ଅବସରପ୍ରାପ୍ତ କର୍ମଚାରୀ। ଏକ୍ସ ଆର୍ମି କୋଟାରେ ୩ ନମ୍ବର ଓ ଓଡିଶାରେ ୪୭୬ ର୍‍ୟାଙ୍କ ରେ ସଫଳତା ହାସଲ କରିଛନ୍ତି। ସେ ପ୍ରଥମ ଚେଷ୍ଟାରେ ଏହି ସଫଳତା ହାସଲ କରିଛନ୍ତି। ସେହିପରି ଉମରକୋଟ ବ୍ଲକ ଅନ୍ତର୍ଗତ ବଡ ଭରଣ୍ଡି ଗ୍ରାମ ପଞ୍ଚାୟତର ବଙ୍ଗୀୟ ଗ୍ରାମ ମହୁଲିର ସଭେନ କୁମାର ମଣ୍ଡଳଙ୍କ ପୁଅ ସୁମିତ କୁମାର ମଣ୍ଡଳ ମଧ୍ୟ ୪୭୩ ର୍‍ୟାଙ୍କ ରଖି ପ୍ରଥମ ଚେଷ୍ଟାରେ ହିଁ ସଫଳତା ହାସଲ କରିଛନ୍ତି। ବାପା ସଭେନ ଡାବୁଗାଁ ବ୍ଲକରେ ବ୍ଲକ ଶିକ୍ଷା ଅଧିକାରୀ ଭାବେ କାର୍ଯ୍ୟରତ । ଝରିଗାଁ ବିଧାୟକ ନରସିଂହ ଭତ୍ରା ଓ ତାଙ୍କ ଧର୍ମ ପତ୍ନୀ ସୁମିତଙ୍କ ଘରକୁ ଯାଇ ଫୁଲତୋଡା ଦେଇ ଶୁଭେଚ୍ଛା ଜଣାଇଥିଲେ। ସୁମିତ ବରିଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କିରାଣୀ ଭାବେ କାର୍ଯ୍ୟରତ। ଏହି ୩ ଜଣଙ୍କ ସଫଳତା ଉମରକୋଟ ପାଇଁ ଗୌରବ ଆଣିଥିବା ବେଳେ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି।

# ୩୦ ପରୀକ୍ଷା କେନ୍ଦ୍ରରେ ସାକ୍ଷରତା ପରୀକ୍ଷା

**ଜୟପୁର,୨୦।୧୦(ପବନ ପାଣିଗ୍ରାହୀ)**

କୋରାପୁଟ ଜିଲା ସମଗ୍ର ଶିକ୍ଷା ବିଭାଗ ନିର୍ଦ୍ଦେଶରେ ଜୟପୁର ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ତତ୍ତ୍ୱାବଧାନରେ ବ୍ଲକର ୧୫ କ୍ଲଷ୍ଟରର ୩୦ କେନ୍ଦ୍ରରେ ସାକ୍ଷରତା ପରୀକ୍ଷା ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୭୦୦ରୁ ଉର୍ଦ୍ଧ୍ୱ ନିରକ୍ଷର ବ୍ୟକ୍ତି ସାମିଲ ହୋଇଥିଲେ। ସମସ୍ତ ସିଆରସିସି ଓ ପ୍ରଧାନଶିକ୍ଷକଙ୍କ ସହଯୋଗରେ ପରୀକ୍ଷା ପରିଚାଳନା କରାଯାଇଛି। କାର୍ଯ୍ୟକ୍ରମ ଜରିଆରେ ସାକ୍ଷରତା ହାରର ଅଭିବୃଦ୍ଧି ଘଟିବ ବୋଲି ଗୋଷ୍ଠୀ ଶିକ୍ଷାଧିକାରୀ ଚନ୍ଦନ କୁମାର ନାୟକ କହିଥିଲେ। ପରୀକ୍ଷାରେ ଉତ୍ତୀର୍ଣ୍ଣ ପରୀକ୍ଷାର୍ଥୀମାନଙ୍କୁ ସରକାରଙ୍କ ଦ୍ୱାରା ମାନପତ୍ର ପ୍ରଦାନ କରାଯାଇଛି ।

# ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ

**କୋରାପୁଟ,୨୦।୧୦**
**(ଅମିତାଭ ବେହେରା)**



ରଙ୍ଗାବାଲି କୁମ୍ଭା ବିଦ୍ୟାଳୟରେ ପରୀକ୍ଷାର୍ଥୀ ସାକ୍ଷରତା ପରୀକ୍ଷା ଦେଉଛନ୍ତି।

କୋରାପୁଟ ଶିକ୍ଷା ବ୍ଲକ ଅନ୍ତର୍ଗତ ୮କେନ୍ଦ୍ରରେ ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ ଜରିଆରେ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ପରୀକ୍ଷା ରବିବାର ଅନୁଷ୍ଠିତ ହୋଇଯାଇଛି। ପୌରାଞ୍ଚଳର ରଙ୍ଗବାଲି କୁମ୍ଭା ଓ ପୁଟିଲା ସାହି ବିଦ୍ୟାଳୟ,ବ୍ଲକ ଅଞ୍ଚଳର ଚକଲିଗୁଡ଼ା,ଗଞ୍ଜେଇପଦର, ଭାଲୁଗୁଡ଼ା,ମାଲି ଲିଟିଗୁଡ଼ା,ମସିପୁଟ ଏବଂ ବଡାଗୁଡ଼ା ବିଦ୍ୟାଳୟରେ ପରୀକ୍ଷା କେନ୍ଦ୍ର କରାଯାଇଥିଲା। ଏଥିରେ ୧୮ ବର୍ଷରୁ ଉର୍ଦ୍ଧ୍ୱ ନିରକ୍ଷର ବ୍ୟକ୍ତି ପରୀକ୍ଷା ଦେଇଥିଲେ। ବରିଷ୍ଠ ମଣ୍ଡଳ ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ଜାନୀ,ସହକାରୀ ମଣ୍ଡଳ ଶିକ୍ଷା ଅଧିକାରୀ ଶିବ ପ୍ରସାଦ ରଥ,ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରଦୀପ କୁମାର ପାତ୍ର,ସୁବୋଧ ମାଝୀ,ଜ୍ୟୋତି ପାଢ଼ୀ ,ସୂର୍ଯ୍ୟ ବେହେରା ଓ ହର ମିଶ୍ର ବିଭିନ୍ନ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ।

# କଙ୍ଗା ଜଙ୍ଗଲରେ ଅବକାରୀ ଚଢାଉ

ଜୟପୁର,୨୦।୧୦(ପବନ ପାଣିଗ୍ରାହୀ)- ଜୟପୁର ସଦର ଥାନା ଅନ୍ତର୍ଗତ କଙ୍ଗା ଜଙ୍ଗଲରେ ଜୟପୁର ଅବକାରୀ ଥାନା ପକ୍ଷରୁ ଚଢାଉ କରାଯାଇଛି। ମାଫିଆମାନେ ମଦ ପ୍ରସ୍ତୁତ ସହ ଲୁଚାଇ ରଖିଥିଲେ। ମଦ ମାଫିଆମାନେ ଚମ୍ପଟ ମାରିଥିବା ବେଳେ ବହୁ ମଦ ଭାଟି ଭଙ୍ଗାଯାଇ ୮ ଶହ ଲିଟର ପୋଚ,୬୦ ଲିଟର ଦେଶୀ ମଦ ଜବତ କରି ନଷ୍ଟ କରାଯାଇଛ। ମଦରନ୍ଧା ସରଞ୍ଜାମ ଓ ଡ୍ରମ ଆଦିକୁ ଜବତ କରିଥିବା ଜୟପୁର ଅବକାରୀ ଥାନା ଓଆଇସି ରାଜୁ କୁମାର ଖିଡି ସୂଚନା ଦେଇଛନ୍ତି।

# କାଗଜ କଳ ଶ୍ରମିକ ସଂଘ, ଅବସରପ୍ରାପ୍ତ ଶ୍ରମିକ ବୈଠକ

**ଜୟପୁର,୨୦।୧୦(ପବନ ପାଣିଗ୍ରାହୀ)**

ସେବା କାଗଜ କଳ ଶ୍ରମିକ ସଂଘ ଓ ଅବସରପ୍ରାପ୍ତ ଶ୍ରମିକଙ୍କ ମିଳିତ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରହ୍ଲାଦ ମଲ୍ଲିକଙ୍କ ନେତୃତ୍ୱରେ ଶ୍ରମିକ ସଂଘ ସଭାପତି ପ୍ରମୋଦ କୁମାର ମହାନ୍ତି ଓ ସାଧାରଣ ସମ୍ପାଦକ ପ୍ରମୁଖ ଉପସ୍ଥିତ ଥିଲେ। ଅବସରପ୍ରାପ୍ତ ଶ୍ରମିକମାନଙ୍କ ଗ୍ରାଚୁଇଟି କେସର ତୁରନ୍ତ ଫୈସଲା ପାଇଁ ପଦକ୍ଷେପ ନେବାକୁ ଯୁଗ୍ମ ଶ୍ରମ କମିଶନରଙ୍କୁ ଗୁହାରି କରିବା ସହ ଜୁଲାଇ ମାସରୁ ବନ୍ଦ ଥିବା କାଗଜ କଳକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ପାଇଁ ପଦକ୍ଷେପ ନେବାକୁ ଦାବି କରାଯାଇଛି। ଅକ୍ଟୋବର ୨୮ ତାରିଖରେ ପିଏଫ କମିଶନର ଆଞ୍ଚଳିକ କାର୍ଯ୍ୟାଳୟର ଅଧିକାରୀମାନେ ଆସିଲେ ସମସ୍ୟା ସମାଧାନ ପାଇଁ ଦାବି କରାଯିବ। ୨୦୨୦ରୁ ପିଏଫ ଜମା କରି ନ ଥିବା ଯୋଗୁ ଅବସର ନେଇଥିବା ଶ୍ରମିକମାନେ କମ ପେନସନ ପାଉଛନ୍ତି। ସେଥିପାଇଁ ପିଏଫ ଆଇନରେ କରାଯାଇଥିବା କେସକୁ ତ୍ୱରାନ୍ୱିତ କରିବା ପାଇଁ ଆସନ୍ତା ମାସରେ ବ୍ରହ୍ମପୁର ଆଞ୍ଚଳିକ ପିଏଫ କମିଶନର ଅଫିସ ଆଗରେ ଧାରଣା ଦେବା ପାଇଁ ସ୍ଥିର ହୋଇଥିଲା। ସର୍ବନିମ୍ନ ପେନସନ ୯ ହଜାର ଟଙ୍କା ଦାବି କରି ଆନ୍ଦୋଳନ କରୁଥିବା ସଂଗଠନ ନିଖିଳ ଓଡିଶା ପିଏଫ ଆସୋସିଏସନର ଦୁଇଦିନିଆ ପୁରୀ ସମ୍ମିଳନୀରେ ଯୋଗଦେବା ପାଇଁ ନିଷ୍ପତ୍ତି ହେବା ସହ ଆନ୍ଦୋଳନକୁ ତୀବ୍ରତର କରିବା ପାଇଁ ପ୍ରସ୍ତାବ ରଖାଯାଇଛି। ବୈଠକରେ ବସନ୍ତ ବେହେରା,ସରୋଜ ପଣ୍ଡା, ସୁଦର୍ଶନ ବିଷୋୟୀ ଓ ସୁବାଷ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ କାଗଜ କଳ ଶ୍ରମିକ ସଂଘର ସଦସ୍ୟମାନେ।

# ହତ୍ୟା ଘଟଣାକୁ ଦୁର୍ଘଟଣା ରୂପ ଦେଉଛି ପୋଲିସ

## ପରିବାର ଲୋକ ଆଣିଲେ ଅଭିଯୋଗ

## ଅଭିଯୋଗକୁ ଥାନା ଅଧିକାରୀଙ୍କ ଖଣ୍ଡନ

**ନବରଙ୍ଗପୁର,୨୦।୧୦(ସଦାଶିବ ପ୍ରହରାଜ)**



ଖବରଦାତା ସମ୍ମିଳନୀରେ ବିଜରାଗୁଡା ଗ୍ରାମବାସୀ ସୂଚନା ଦେଉଛନ୍ତି।

କୋରାପୁଟ ଜିଲା ବୋରିଗୁମ୍ମା ଥାନା ଅଧିନ କଳିଆଗୁଡା ନିକଟ ଭାରତ ମାଳା ଓଭର ବ୍ରିଜ ନିକଟରେ ଏକ ହତ୍ୟା ଘଟଣାକୁ ପୋଲିସ ଦୁର୍ଘଟଣା ରୂପ ଦେଇ ମାମଲାକୁ ରଫା ଦଫା କରି ଦେଇଛି । ଏଭଳି ସାଂଘାତିକ ଅଭିଯୋଗ କରି ନ୍ୟାୟ ପାଇଁ ଖବରଦାତା ସମ୍ମିଳନୀରେ ଦାବି କରିଛନ୍ତି ପରିବାର ଲୋକ।

ସ୍ଥାନୀୟ ଏକ ଲଜ୍‌ରେ ରବିବାର ସନ୍ଧ୍ୟାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ନବରଙ୍ଗପୁର ଥାନା ବିଜରାଗୁଡା ଗାଁର ବିଘ୍ନ ରାଜ ପାତ୍ର, ମୁରଲୀ ପାତ୍ର, ବାବୁଲା ପାଇକ, ଡାଳବନ୍ଧୁ ମାଝୀ ଓ ଦଶା ମାଝୀ ପ୍ରମୁଖ ଅଭିଯୋଗ ଅନୁଯାୟୀ, ସେପ୍ଟେମ୍ବର ୧୩ ତାରିଖ ରାତି ପ୍ରାୟ ୧୦ଟାରେ ବିକାଶ ସିଂ ଲାଲ ଓ ସଚିନ କନ୍ଧପାନ ଉଭୟ ଏକ ମୋଟର ସାଇକଲ (ଓ ୨୪ଇ ୬୪୬୮)ରେ କୋରାପୁଟ ଜିଲା ଆମ୍ବାଗୁଡା ଗାଁରୁ ନିଜ ଗାଁ ବିଜରାଗୁଡାକୁ ଫେରୁଥିଲେ । ରାସ୍ତାରେ କାଳିଆଗୁଡା ଭାରତ ମାଳା ଓଭର ବ୍ରିଜ ନିକଟରେ ୨ଟି ମୋଟର ସାଇକଲରେ ୪ ଜଣ ଦୁର୍ବୃତ୍ତ ଠେଙ୍ଗା ଓ ବିଭିନ୍ନ ମରଣାସ୍ତ୍ରରେ ବିକାଶ ସିଂ ଲାଲଙ୍କୁ ଆକ୍ରମଣ କରିଥିଲେ। ବିକାଶଙ୍କ ସାଥିରେ ଥିବା ସଚିନ କନ୍ଧପାନ ସେମାନଙ୍କ ଆକ୍ରମରେ ଆହତ ହୋଇ ପ୍ରାଣ ବିକଳରେ ସେଠାରୁ ଖସି ଯାଇଥିଲେ। ଅନ୍ୟପକ୍ଷରେ ଦୁର୍ବୃତ୍ତଙ୍କ ଆକ୍ରମଣରେ ବିକାଶଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ମୃତକଙ୍କ ମାମୁ ବିଘ୍ନରାଜ ପାତ୍ର ଅଭିଯୋଗ କରିଛନ୍ତି। ଏହା ଏକ ହତ୍ୟା ଘଟଣା ହୋଇଥିବା ବେଳେ ପ୍ରତ୍ୟକ୍ଷଦର୍ଶୀ ସଚିନ କନ୍ଧପନଙ୍କୁ ପୋଲିସ ଓଲଟା ଧମକ ଚମକ ଦେଇ ହତ୍ୟା ଘଟଣାକୁ ଚପାଇବା ପାଇଁ ଦୁର୍ଘଟଣା ଘଟିଥିବା ସ୍ୱୀକାର କରିବା ପାଇଁ ଚାପ ପକାଉଛି । ଏହିଭଳି ଭିଯୋଗକୁ ନେଇ ନ୍ୟାୟ ପାଇବା ଆଶାରେ କୋରାପୁଟ ଏସ୍‌ପିଙ୍କ ନିକଟରେ ଶୁକ୍ରବାର ପରିବାର ଲୋକେ ଅଭିଯୋଗ କରିଛନ୍ତି । ତଥାପି ବୋରିଗୁମା ଥାନା ପୋଲିସ ପକ୍ଷରୁ କୌଣସି ସୁଫଳ ମିଳିନାହିଁ ବୋଲି ଖବରଦାତା ସମ୍ମିଳନୀରେ ପରିବାର ଲୋକ କହିଛନ୍ତି । ବୋରିଗୁମ୍ମା ଥାନା ଅଧିକାରୀ ଯୁଗଳ କିଶୋର ସାହୁଙ୍କୁ ଏ ବିଷୟରେ ପଚରିବାରୁ ସେ ଅଭିଯୋଗକୁ ଖଣ୍ଡନ କରିବା ସହିତ ଘଟଣାର ତଦନ୍ତ ଜାରି ରହିଛି । ହତ୍ୟା କି ଦୁର୍ଘଟଣା ମାମଲା ସ୍ପଷ୍ଟ ହୋଇନାହିଁ। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ସେ କହିଛନ୍ତି ।

# କାର୍ଯ୍ୟରେ ଯୋଗଦେଲେ ୪୦୯ ନୂତନ ଶିକ୍ଷକ

**ମାଲକାନଗିରି ଜିଲା**
**୮୦୩ ଶିକ୍ଷକ ପଦବୀ ଖାଲି**

ମାଲକାନଗିରି, ୨୦।୧୦ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲାରେ ୮୦୩ ଶିକ୍ଷକ ପଦବୀ ଖାଲିଥିବା ବେଳେ ଏହାକୁ ପୂରଣ ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ଜିଲାରେ ୪୮୫ ନୂତନ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି। ସେମାନଙ୍କ ମଧ୍ୟରୁ ଶନିବାର ୪୦୯ ନୂତନ ଶିକ୍ଷକ କାର୍ଯ୍ୟରେ ଯୋଗ ଦେଇଥିବା ଜଣାପଡିଛି। ଦୀର୍ଘ ଦିନ ଧରି ୮୦୩ ଶିକ୍ଷକ ପଦବୀ ଖାଲି ଥିବାରୁ ଶିକ୍ଷାଦାନ ବ୍ୟବସ୍ଥାରେ ବାଧା ସୃଷ୍ଟି ହେଉଥିଲା। ସରକାର ନୂତନ ଶିକ୍ଷକ ନିଯୁକ୍ତି ଆରମ୍ଭ କରିଥିଲେ। ଫଳରେ ଜିଲାରେ ୮୦୩ ଖାଲି ପଦବୀ ମଧ୍ୟରୁ ୪୮୫ ନୂତନ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି। ଏହି ନବ ନିଯୁକ୍ତ ଶିକ୍ଷକଙ୍କ ମଧ୍ୟରୁ ୪୦୯ ନୂତନ ଶିକ୍ଷକ ଯୋଗ ଦେଇଛନ୍ତି। ମାଲକାନଗିରି ବ୍ଲକରେ ୩୧, କାଲିମେଳା ୬୫, ପଡିଆ ବ୍ଲକରେ ୨୩, କୋରୁକୋଣ୍ଡା ୧୦୬, ଚିତ୍ରକୋଣ୍ଡା ୬୧, ଖଇରପୁଟ ୩୭ ଓ ମାଥିଲିରେ ୮୬ ଶିକ୍ଷକ କାର୍ଯ୍ୟରେ ଯୋଗ ଦେଇଥିବା ଜିଲା ଶିକ୍ଷାଅଧିକାରୀ ବିଶ୍ୱନାଥ ସାହୁ ସୂଚନା ଦେଇଛନ୍ତି। ଏହି ନୂତନ ନିଯୁକ୍ତି ପରେ ମଧ୍ୟ ଜିଲାରେ ଆହୁରି ୩୦୦ରୁ ଊର୍ଦ୍ଧ୍ୱ ଶିକ୍ଷକ ପଦବୀ ଖାଲି ରହିଥିବା ବେଳେ ଏହାକୁ ସରକାର ଯଥା ଶୀଘ୍ର ପୂରଣ କରିବା ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।


ଗୋବିନ୍ଦପାଲିରେ ଆୟୋଜିତ ଭୂମିପୂଜନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଶ୍ରଦ୍ଧାଳୁ ।

# ଭୂମିଆ ସମାଜ ପକ୍ଷରୁ ଅଷ୍ଟପ୍ରହର ପ୍ରସ୍ତୁତି ବୈଠକ


ପ୍ରସ୍ତୁତି ବୈଠକରେ ଅଷ୍ଟପ୍ରହର ବିଷୟରେ ଆଲୋଚନା କରାଯାଉଛି ।

ମାଥିଲି, ୨୦।୧୦(ସୁବାସ ଚନ୍ଦ୍ର ଖୁଣ୍ଟୁପିଆ)

ମାଲକାନଗିରି ଜିଲା ମାଥିଲି ବ୍ଲକ ମେଣ୍ଟୁକୁଲି ଗ୍ରାମରେ ରବିବାର ଅଷ୍ଟପ୍ରହର ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଦଳପତିଗୁଡା ପୂର୍ବତନ ସରପଞ୍ଚ ଡୋମୁ ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ମାଥିଲି ବ୍ଲକର ବିଭିନ୍ନ ଗ୍ରାମର ମୁଖିଆମାନେ ଭୂମିଆ ଭବନଠାରେ ଯୋଗଦେଇ ଅଷ୍ଟପ୍ରହର କିପରି କରାଯିବ ସେ ଉପରେ ଆଲୋଚନା କରିଥିଲେ। ଆଲୋଚନାରେ ସମସ୍ତଙ୍କ ମତ ନିଆଯାଇଥିଲା । ମେଣ୍ଟୁକୁଲି ଗ୍ରାମର ଏଏସ୍ଏଚ୍‌ଜିର ମା'ମାନେ ମଧ୍ୟ ଯୋଗଦେଇ ନିଜର ମତ ରଖିଥିଲେ । ଆଗାମୀ ଦିନରେ କୀର୍ତ୍ତନ ଓ ଖାଇବା ରହିବା କେମିତି ଶାନ୍ତିଶୃଙ୍ଖଳା ସହ ହେବ ସେ ବିଷୟରେ ଆଲୋଚନା ହୋଇଥିଲା। ଭୂମିଆ ସମାଜ ସଭାପତି ହଳଧର ପୂଜାରୀ କହିଛନ୍ତି, କାର୍ତ୍ତିକ ମାସରେ ଲୋକେ ମାସସାରା ପୂଜାର୍ଚ୍ଚନା କରିଥାନ୍ତି। ପ୍ରତିବର୍ଷ ଅଷ୍ଟପ୍ରହର ଶାନ୍ତିଶୃଙ୍ଖଳାରେ ଚାଲିଛି । ଏ ବର୍ଷ ମଧ୍ୟ ସେହିପରି ହେବ ବୋଲି ପୂଜାରୀ କହିଛନ୍ତି।

# ଗଞ୍ଜେଇ ଜବତ, ଜଣେ ଗିରଫ

ମାଲକାନଗିରି, ୨୦।୧୦(ଦୁର୍ଯ୍ୟୋଧନ ପାତ୍ର)-ମାଲକାନଗିରି ଥାନା ପୋଲିସ ରବିବାର ବହୁ ଟଙ୍କାର ଗଞ୍ଜେଇ ଜବତ କରିବା ସହ ଏଥିରେ ସମ୍ପୃକ୍ତ ଜଣଙ୍କୁ ଗିରଫ କରିଛି। ଏହି ଘଟଣାରେ ୭ ଜଣ ଫେରାର ହୋଇଯାଇଛନ୍ତି। ପୋଲିସ ଏଥିରେ ୭୫ କେଜି ଗଞ୍ଜେଇ ସହ ମୁରିଆପାଲ୍ଲୀ ଗ୍ରାମର କୃଷ୍ଣ ମାଡକାମୀଙ୍କୁ ଗିରଫ କରିଛି। ଗଞ୍ଜେଇ ପ୍ୟାକେଟ୍ କରିବା ମେଶିନ୍ ଓ ଅନ୍ୟାନ୍ୟ ସାମଗ୍ରୀ ମଧ୍ୟ ଜବତ କରିଛି। ସୂଚନା ଅନୁଯାୟୀ, ଶନିବାର ମଧ୍ୟ ରାତ୍ରିରେ ଏସ୍ଆଇ ପ୍ରଭାତ ଗୌଡ, ହାବିଲଦାର ମିହିର ସାମଲ, ଲକ୍ଷ୍ମଣ ମାରାଣ୍ଡି ଓ ପଦ୍ମ ନାୟକ ତଣ୍ଡାପାଲ୍ଲୀଠାରେ ପାଟ୍ରୋଲିଂ କରୁଥିବା ସମୟରେ ତଣ୍ଡାପାଲ୍ଲୀ ଗ୍ରାମ ନିକଟ ଜଙ୍ଗଲରେ ଗଞ୍ଜେଇ ଚୋରାଚାଲାଣ ହେଉଥିବା ଖବରପାଇ ଉକ୍ତ ଜଙ୍ଗଲରେ ଚଢାଉ କରିଥିଲେ। ପୋଲିସ ଆସୁଥିବା ଜାଣି ସେଠାରୁ ଚାଲାଣକାରୀ ଫେରାର ହୋଇଯାଇଥିବା ବେଳେ ପୋଲିସ ଜଣଙ୍କୁ ଗିରଫ କରିଥିଲା।

# ଗାୟତ୍ରୀ ମହାଯଜ୍ଞ ପାଇଁ ଭୂମିପୂଜନ

ଗୋବିନ୍ଦପାଲି,୨୦।୧୦(କାର୍ତ୍ତିକ ରଥ)

ମାଲକାନଗିରି ଜିଲା ଖଇରପୁଟ ବ୍ଲକ ପୋଡଘାଟରେ ଡିସେମ୍ବର ୨୮ରୁ ୩୧ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ୧୦୮ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ନିମନ୍ତେ ରବିବାର ଭୂମିପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହା ଶାନ୍ତିକୁଞ୍ଜ ହରିଦ୍ୱାରଙ୍କ ମାର୍ଗ ଦର୍ଶନରେ ହେଉଛି। ଭୂମିପୂଜନରେ ୯ କୁଣ୍ଡୀୟ ଯଜ୍ଞ କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ୩ ହଜାର ଭକ୍ତଙ୍କ ସମେତ କୋରାପୁଟ ଓ ନବରଙ୍ଗପୁର ସମେତ ପଡୋଶୀ ଛତିଶଗଡରୁ ଅନେକ ଗାୟତ୍ରୀ ପରିବାର ଭକ୍ତ ଯୋଗ ଦେଇଥିଲେ। ଶାନ୍ତିକୁଞ୍ଜ ପ୍ରତିନିଧି ଭାବେ ସୁନୀଲ ଶର୍ମା ଯୋଗଦେଇ ପ୍ରବଚନ ଦେଇଥିଲେ। ଜନ ସଂଯୋଜକ ବାଲ୍ମୀକି ପ୍ରଧାନ,ଅମରନାଥ ପାଢ଼ୀ,ସନ୍ଧ୍ୟାରାଣୀ ପାଢ଼ୀ, ମିହିର ପାଢ଼ୀ ଓ ଉପେନ୍ଦ୍ର ନାଗଙ୍କ ସମେତ ସୀତାରାମ ସ୍ୱାଇଁ, ସୁନାଧର ଓଡି, ଅର୍ଜୁନ ମାଝୀ, ହରିରାମ ଗଡଙ୍ଗ, ଗୁପ୍ତେଶ୍ୱର ଓଡି, ଡମ୍ବୁ ସମରଥ,କମଳଚନ ଓଡ଼ି,ପିତମ ଗୁରୁତେଲି, ବଳି ମାଝୀ ଓ ଛତିଶ ଚନ୍ଦ୍ର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଚାରିଶହ ଦେବ ଦମ୍ପତି ଯଜ୍ଞରେ ନିଜକୁ ସାମିଲ କରିଥିଲେ। ପ୍ରତ୍ୟେକ ଗ୍ରାମର ଦେବୀପୀଠରୁ ଆସିଥିବା ମୃତ୍ତିକା ଓ ଜଳ ସଂରକ୍ଷଣ କରାଯାଇ ଏଠାରେ ସ୍ଥାପିତ କରାଯାଇଛି, ଯାହାକି ୧୦୮ କୁଣ୍ଡୀୟ ଯଜ୍ଞ ସମୟରେ ବିନିଯୋଗ କରାଯିବ। ଆଶ୍ଚର୍ଯ୍ୟ ଲାଗେ ଏହି ଭକ୍ତମାନଙ୍କ ସହଯୋଗକୁ ଦେଖି। ଏମାନେ ଏତେ ବଡ ଆୟୋଜନ ପାଇଁ ଆବଶ୍ୟକ ଚଉକି, ଟେଣ୍ଟ ଓ ସାଜସଜ୍ଜା ଆଦି ମିଳିମିଶି ନିଜ ନିଜ ଘରୁ ସଂଗ୍ରହ କରି କାର୍ଯ୍ୟକ୍ରମରେ ଲଗାଇଥିଲେ।

# କାଳୀପୂଜା ପ୍ରସ୍ତୁତି ବୈଠକ

କୋରୁକୋଣ୍ଡା,୨୦।୧୦(ଶିବଦତ୍ତ ସାହୁ)

ବାଲିମେଳା ସହର କାଳୀଛକଠାରେ ମା' ଶ୍ୟାମାକାଳୀଙ୍କ ପୂଜା ପାଳିତ ହୋଇ ଆସୁଛି। ଆସନ୍ତା ୩୧ ତାରିଖରେ କାଳୀ ଛକଠାରେ ଆରମ୍ଭ ହେବାକୁ ଥିବା ମା' ଶ୍ୟାମା କାଳୀଙ୍କ ପୂଜା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ହେବାକୁ ଥିବା ଏହି ପୂଜାକୁ ଶାନ୍ତିପୂର୍ଣ୍ଣ ଭାବେ ଓ ଯାକଯମକରେ ପାଳନ କରିବା ପାଇଁ ଏକ ନୂତନ କମିଟି ଗଠନ କରାଯାଇଛି। ପୂଜା କମିଟି ସଭାପତି ଭାବେ ଏନ୍ଏସିର ପୂର୍ବତନ ଅଧ୍ୟକ୍ଷ ମନୋଜ କୁମାର ନାୟକ, ଉପ ସଭାପତି ଦୀପକ କୁମାର ସାହୁ, ପୂର୍ଣ୍ଣ ଚନ୍ଦ୍ର ଖରା, ସାଧାରଣ ସମ୍ପାଦକ ଶିବଦତ୍ତ ସାହୁ, କୋଷାଧ୍ୟକ୍ଷ ପ୍ରତାପ ଚନ୍ଦ୍ର ସ୍ୱାଇଁ, ସୁରେନ୍ଦ୍ର କୁମାର ପାତ୍ରଙ୍କୁ ସର୍ବ ସମ୍ମତି କ୍ରମେ ମନୋନୀତ କରାଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ଣ୍ଣଚନ୍ଦ୍ର ମୁଦୁଲି, ବିଜୟ କ୍ରିଷ୍ଣା ଦାସ, ନୀଳାଞ୍ଚଳ ମହାରଣା, ରାଜେନ୍ଦ୍ର କୁଲଦୀପ,ଭଜରାମ ସାହୁ, ପ୍ରଶାନ୍ତ ରାଉଳ, ନୀଳକଣ୍ଠ ମଲିକ, ସୁଜିତ ପାଣିଗ୍ରାହୀ, ଆର୍ତ୍ତତ୍ରାଣ ସାହୁ, ବସନ୍ତ ପାତ୍ର, ରବୀନ୍ଦ୍ର ନାୟକ, ମହେନ୍ଦ୍ର ବେହେରା, ଦିଲୀପ କୁମାର ଦାସ, ଅକ୍ଷୟ ମହାରଣା, ଜୋସେଫ ଦିଲ୍ଲୀପଙ୍କ ସମେତ କାଳୀ ଛକର ସମସ୍ତ ବ୍ୟବସାୟୀ ଉପସ୍ଥିତ ଥିଲେ।

# ଭାଜପା ଅତିରିକ୍ତ କାର୍ଯ୍ୟାଳୟ ଉଦ୍‌ଘାଟିତ

**କାଳିମେଳା ବ୍ଲକ**

କାଳିମେଳା, ୨୦।୧୦
(ଜୀବନ କୃଷ୍ଣ ଦାସ )

ମାଲକାନଗିରି ଜିଲା ଭାଜପା ପକ୍ଷରୁ କାଳିମେଳା ବ୍ଲକ ସଦରମହକୁମା ସ୍ଥିତ ପେଟ୍ରୋଲ ପମ୍ପ ନିକଟରେ ଅତିରିକ୍ତ ଦଳୀୟ କାର୍ଯ୍ୟାଳୟ ରବିବାର ଉଦ୍‌ଘାଟିତ ହୋଇଯାଇଛି । ଉକ୍ତ କାର୍ଯ୍ୟାଳୟକୁ ମାଲକାନଗିରି ବିଧାୟକ ନରସିଂହ ମାଡକାମୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ସଭାପତି ନିମାଇଁ ଚନ୍ଦ୍ର ପାଲ ଉପସ୍ଥିତ ଥିଲେ । କାର୍ଯ୍ୟାଳୟକୁ ଭାଜପା ନେତା ଉତ୍ତମ ଓଝା ନିଜ ଉଦ୍ୟମରେ କରି ଦଳକୁ ସମର୍ପିତ କରିଛନ୍ତି । ମହିଳାମାନେ ଭାଜପା ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ବିଷୟରେ ଅବଗତ ହୋଇପାରିବେ ବୋଲି ବିଧାୟକ କହିଛନ୍ତି । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ସମ୍ପାଦକ ଭବାନୀ ଶଙ୍କର ମୁଖାର୍ଜୀ, ମାଣିକ ଲାଲ ଚକ୍ରବର୍ତ୍ତୀ, ଗଙ୍ଗାଧର ସୋଢ଼ୀ, ମାଲାଭରମ ମଣ୍ଡଳ ସଭାପତି ନାରାୟଣ ସରକାର, ଜିଲା ଏମ୍‌ପି ପ୍ରତିନିଧି ସଞ୍ଜୟ ସରକାର, ମାଲକାନଗିରି ବିଧାୟକ ପ୍ରତିନିଧି ନୀହାର ରାୟ, କାଳିମେଳା ପ୍ରତିନିଧି ହରବିଳାସ ମଣ୍ଡଳ, ମଣ୍ଡଳ ସଭାପତି ରତ୍ନାକର ପାଣିଗ୍ରାହୀ, ପଡିଆ ବ୍ଲକ ବିଧାୟକ ପ୍ରତିନିଧି ମନ ଦୀପନ ମଣ୍ଡଳ, ପ୍ରବାସ ବସୁ, ଉତ୍ତମ ରାୟ, ଅବଧୂତ ପ୍ରସାଦ ଦୁର୍ଗା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ।


ଭାଜପା ଅତିରିକ୍ତ କାର୍ଯ୍ୟାଳୟକୁ ମାଲକାନଗିରି ବିଧାୟକ ନରସିଂହ ମାଡକାମୀ ଓ ଅନ୍ୟ ଦଳୀୟ କର୍ମକର୍ତ୍ତା ଉଦ୍‌ଘାଟନ କରୁଛନ୍ତି।

# ବଣ୍ଡା ଯୁବତୀ ପାଇଲେ ଓଏଏସ୍


ପରିବାରବର୍ଗଙ୍କ ସହ ବିନି ମୁଦୁଲି।

ମାଲକାନଗିରି, ୨୦।୧୦(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ଖଇରପୁଟ ବ୍ଲକ ମୁଦୁଲିପଡା ଥାନା ଅନ୍ତର୍ଗତ ବଣ୍ଡାଘାଟିର ଜଣେ ବଣ୍ଡା ଜନଜାତି ଛାତ୍ର ଡାକ୍ତରୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଜିଲା ପାଇଁ ଗୌରବ ଆଣିଥିବା ବେଳେ ଶନିବାର ଆଉଜଣେ ଛାତ୍ରୀ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷା(ଓଏଏସ୍)ରେ କୃତକାର୍ଯ୍ୟ ହୋଇ ବଣ୍ଡା ଜନଜାତି ଓ ଜିଲା ପାଇଁ ଗୌରବ ଆଣିଛନ୍ତି। ଖଇରପୁଟ ବ୍ଲକ ଖେମାଗୁରୁ ଗ୍ରାମ ପ୍ରାଥମିକ ବିଦ୍ୟାଳୟ ରୋଷେୟା ରଘୁ ମୁଦୁଲିଙ୍କ ଝିଅ ବିନି ମୁଦୁଲି ଗ୍ରାମରେ ପ୍ରାଥମିକ ଶିକ୍ଷା ଗ୍ରହଣ କରିଥିଲେ। ପରେ ସେ ମାଲକାନଗିରି ନବୋଦୟ ବିଦ୍ୟାଳୟରେ ଯୁକ୍ତ ୨ ପାସ୍ କରିବା ପରେ ୟୁଟ୍ୟୁବ୍‌ରେ ଓଡ଼ିଶା ପ୍ରଶାସନିକ ସେବାର ଶିକ୍ଷା ଗ୍ରହଣ ସହ କଠିନ ପରିଶ୍ରମ କରିଥିଲେ। ୨୦୨୨-୨୩ ଶିକ୍ଷା ବର୍ଷରେ ଓଏଏସ୍ ନିମନ୍ତେ ପରୀକ୍ଷା ଦେଇ କୃତକାର୍ଯ୍ୟ ହୋଇଥିଲେ। ଏ ସମ୍ପର୍କରେ ବିନିଙ୍କୁ ପଚାରିବାରୁ ଆଗାମୀ ଦିନରେ ମହିଳା ସଶକ୍ତୀକରଣ, ଅନୁସୂଚିତ ଜାତି ଓ ଜନଜାତିଙ୍କ ସେବାରେ ମୁଁ ନିଜକୁ ନିୟୋଜିତ କରିବାକୁ ଅଗ୍ରାଧିକାର ଦେବି । ମୋ ସଫଳତାର ଶ୍ରେୟ ପିତା, ମାତା, ଶିକ୍ଷୟିତ୍ରୀ, ଶିକ୍ଷକ ଓ ସାଙ୍ଗସାଥୀଙ୍କୁ ଦେବି । ଜିଲାର ପ୍ରତ୍ୟେକ ଅଭିଭାବକ ନିଜର ପିଲାଙ୍କୁ ବିଦ୍ୟାଳୟକୁ ପଠାଇବାକୁ ସେ ପରାମର୍ଶ ଦେଇଛନ୍ତି ।

# ସ୍ୱତନ୍ତ୍ର ବୈଠକ ପାଇଁ ଅଧିକାରୀଙ୍କୁ ଚିଠି

ସୁନାବେଡା, ୨୦।୧୦(କୃତ୍ତିବାସ ପ୍ରଧାନ )

ସୁନାବେଡା ପୌର ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଜିଲା ସହରାଞ୍ଚଳ ବିକାଶ ସଂସ୍ଥା (ଡୁଡା) ଅଧିକାରୀ ଦୁଇଦିନ ତଳେ ଏକ ଚିଠି କରିଛନ୍ତି। ଏହି ଚିଠିରେ ନଭେମ୍ବର ୮ ପୂର୍ବାହ୍ନ ୧୧ ଟାରେ ଏକ ଜରୁରୀକାଳୀନ ବୈଠକ ହେବା ନେଇ ଉଲ୍ଲେଖ ରହିଛି। ସୁନାବେଡା ପୌର ପରିଷଦ ଉପ ନଗରପାଳିକା ରତ୍ନୁ କଣ୍ଟାଙ୍କ ବିରୋଧରେ ଆସିଥିବା ଅନାସ୍ଥା ପ୍ରସ୍ତାବ ଉପରେ ଆଲୋଚନା ହେବା ନେଇ ନିର୍ବାହୀ ଅଧିକାରୀଙ୍କୁ ଅବଗତ କରାଯାଇଥିବା ଜଣାପଡିଛି। କୋରାପୁଟ ଅତିରିକ୍ତ ଜିଲାପାଳ ଲଗ୍ନଜିତ ରାଉତଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ହେବ। ଅନାସ୍ଥା ପ୍ରସ୍ତାବ ଆଣିଥିବା ମିନତୀ ମିଶ୍ର ଓ ଅନ୍ୟ ୧୫ ଜଣ କାଉନସିଲର ଉପସ୍ଥିତ ରହିବାକୁ ଏଥିରେ ଉଲ୍ଲେଖ ଥିବା ଜଣାପଡିଛି । ପ୍ରକାଶ ଯେ, ଗତ କିଛି ମାସ ତଳେ କଣ୍ଟାଙ୍କ ବିରୋଧରେ ୧୫ ରୁ ଅଧିକ କାଉନସିଲର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ଫେରାଦ ହୋଇଥିଲେ ।

# ବିକାଶ ମଞ୍ଚର ସ୍ୱତନ୍ତ୍ର ବୈଠକ

ଜୟପୁର,୨୦।୧୦(ପବନ ପାଣିଗ୍ରାହୀ)

ଜୟପୁର ଦ୍ୱିତୀୟ ଦୈନିକ ବଜାର ବ୍ରାହ୍ମଣ ସମାଜ ବୈଠକ ଗୃହରେ ବିକାଶ ମଞ୍ଚ ପକ୍ଷରୁ ଏକ ସ୍ୱତନ୍ତ୍ର ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକାରୀ ସଭାପତି ଏସଭି ରାମଣାଙ୍କ ନେତୃତ୍ୱରେ ସମ୍ପାଦକ ନବ କୃଷ୍ଣ ରଥଙ୍କ ଉପସ୍ଥିତିରେ ଅକ୍ଟୋବର ୩୧ ତାରିଖ ସୁଦ୍ଧା ସାଧାରଣ ପରିଷଦ ବୈଠକ ଓ ନୂତନ କାର୍ଯ୍ୟକର୍ତ୍ତା ନିର୍ବାଚନ ପାଇଁ ସ୍ଥିର ହୋଇଥିଲା। ଜୟପୁରରେ ରାଜସ୍ୱ ବିଭାଜନ କାର୍ଯ୍ୟାଳୟ ସ୍ଥାପନ, ନୂତନ ଆଞ୍ଚଳିକ ପରିବହନ ଆରଟିଓ କାର୍ଯ୍ୟାଳୟ ଖୋଲିବା, ସରକାରୀ ବୈଷୟିକ ମହାବିଦ୍ୟାଳୟ,କୃଷି ବିଶ୍ୱ ବିଦ୍ୟାଳୟ ଖୋଲିବା ପାଇଁ ପଦକ୍ଷେପ ନେବା ସହ ନିର୍ମାଣାଧୀନ ଥିବା ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅନୁଷ୍ଠାନ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା,ଜୟପୁରରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନା, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଘୋଷଣା ପ୍ରକାରେ ୬ ଶହ ଶଯ୍ୟା ବିଶିଷ୍ଟ ସୁପର ସ୍ପେଶାଲିଷ୍ଟ ହସପିଟାଲ ପ୍ରତିଷ୍ଠା,ରେଳ ଷ୍ଟେଶନକୁ ଜଙ୍କସନର ମାନ୍ୟତା ଦେବା ନେଇ ରେଳ ମନ୍ତ୍ରୀଙ୍କ ନିକଟରେ ଦାବି, ସହରର ପରିସୀମା ବୃଦ୍ଧି କରାଯାଇ ଜୟପୁରକୁ ମହାନଗର ନିଗମ ମାନ୍ୟତା ଏବଂ ଟ୍ରାଫିକ ସମସ୍ୟା ଦୃଷ୍ଟିରୁ ରିଙ୍ଗ ରୋଡ଼ କରିବା ଆଦି ଦାବି କରାଯାଇଛି। ଏ ନେଇ ୧୦ ଜଣିଆ ପ୍ରତିନିଧି ମଣ୍ଡଳ ଗଠନ କରାଯାଇ ନଭେମ୍ବରରେ ଭୁବନେଶ୍ୱର ଗସ୍ତ କରିବାକୁ ସ୍ଥିର କରାଯାଇଛି।


ବୈଠକରେ ଉପସ୍ଥିତ ଜୟପୁର ବିକାଶ ମଞ୍ଚର ସଦସ୍ୟମାନେ।

# ଜାତୀୟ ରାଜପଥ ବିଭାଗର ତରବରିଆ ରାସ୍ତା ମରାମତି

**ଜିଲାପାଳଙ୍କ ବ୍ଲକସ୍ତରୀୟ ଜନ ଶୁଣାଣି ଆଜି**

ପଟାଙ୍ଗି, ୨୦।୧୦(ଶରତ ଧଳ)

ପଡୋଶୀ ଆନ୍ଧ୍ର ଏବଂ ଛତିଶଗଡ଼ ଦୁଇ ରାଜ୍ୟକୁ ସଂଯୋଗ କରୁଥିବା ଜାତୀୟ ରାଜପଥ ମରଣଯନ୍ତା ପାଲଟି ଥିବାବେଳେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ବିଭିନ୍ନ ଆଳ ଦେଖାଇ ରାଜପଥକୁ ମରାମତି କରିବା ଦିଗରେ ଇଚ୍ଛା କରୁନାହାନ୍ତି। ଏହିପରି ରାଜପଥର ଅବ୍ୟବସ୍ଥାକୁ ନେଇ ପଥଚାରୀଙ୍କଠାରୁ ଆରମ୍ଭକରି ଯାନବାହନ ଚଳାଚଳ କ୍ଷେତ୍ରରେ ଅନେକ ସମସ୍ୟା ସୃଷ୍ଟି ହେଉଛି। ଏହା ସତ୍ତ୍ୱେ ବିଭାଗୀୟ ଅଧିକାରୀଙ୍କ କ୍ଷେତ୍ରରେ କୌଣସି ତତ୍ପରତା ପ୍ରକାଶ ପାଉନାହିଁ। ସୋମବାର ଜିଲାପାଳଙ୍କ ପଟ୍ଟାଙ୍ଗି ବ୍ଲକସ୍ତରୀୟ ଜନ ଶୁଣାଣି ପୂର୍ବରୁ ସମ୍ପୃକ୍ତ ବିଭାଗ ଠିକାଦାରଙ୍କ ଦ୍ୱାରା ରାଜପଥକୁ ତରବରିଆ ଭାବେ ମରାମତି କରିଛି। ଏହିପରି ଦେଖିବାକୁ ମିଳିଛି କୋରାପୁଟ ଜିଲାର ତଥା ପଡୋଶୀ ଆନ୍ଧ୍ର ସୀମାନ୍ତକୁ ଲାଗି ଥିବା ପଟ୍ଟାଙ୍ଗି ବ୍ଲକ ଦେଇ ଉପରୋକ୍ତ ଦୁଇ ରାଜ୍ୟକୁ ସଂଯୋଗ କରିଥିବା ୨୬ନଂ ଜାତୀୟ ରାଜପଥ କ୍ଷେତ୍ରରେ । ସୂଚନାଯୋଗ୍ୟ, ସୋମବାର ଜିଲାପାଳ ଭି.କୀର୍ତ୍ତି ଭାସନଙ୍କ ଜନ ଶୁଣାଣି ଥିବା ବେଳେ ଏହା ପୂର୍ବରୁ ତରବରିଆ ଭାବେ ଜାତୀୟ ରାଜପଥ ବିଭାଗ ପକ୍ଷରୁ କଲେଜ ଛକ, ତହସିଲ କାର୍ଯ୍ୟାଳୟ ସମ୍ମୁଖ, ମା'ଗୃହ ସମୁଖ, ରାମାରାଓ ଛକ ଓ ବ୍ଲକ କାର୍ଯ୍ୟାଳୟ ପ୍ରମୁଖ ସ୍ଥାନରେ ହୋଇଥିବା ବଡ ବଡ ଖାଲଖମାରେ ଗୋଡି ବାଲି ମିଶାଇ ପକାଇ ମରାମତି କରିଛନ୍ତି। ସେପଟେ ରାଜପଥରେ ଦୁଇ ରାଜ୍ୟକୁ ଯାତାୟାତ କରୁଥିବା ଯାନବାହନ ପ୍ରଭାବରେ ବ୍ଲକ ସଦର ମହକୁମା ଧୂଳିମୟ ହେଉଛି। ଅନ୍ୟପକ୍ଷରେ ଏପରି ଅବ୍ୟବସ୍ଥାକୁ ବିଭାଗୀୟ ଅଧିକାରୀଙ୍କଠାରୁ ଆରମ୍ଭକରି ନିର୍ବାଚିତ ଜନ ପ୍ରତିନିଧିମାନେ ମଧ୍ୟ ଗୁରୁତ୍ୱ ନ ଦେବା ଅତି ଦୁର୍ଭାଗ୍ୟ ଜନକ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଆସନ୍ତା ଦିନରେ ବିଭାଗୀୟ ଅଧିକାରୀମାନେ ଏହି ଅବ୍ୟବସ୍ଥା ପ୍ରତି ଯଦି ଦୃଷ୍ଟି ନ ଦିଅନ୍ତି ତେବେ ରାଜପଥ ଅବରୋଧ କରାଯିବ ବୋଲି ପଟାଙ୍ଗି ବିକାଶ ପରିଷଦ ଏବଂ ଓଡିଶା ମୋଟର ଚାଳକ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି ।


ଜାତୀୟ ରାଜପଥ ମରାମତି କାର୍ଯ୍ୟ କରାଯାଉଛି ।

